ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.210 Bhubaneswar Sunday October 09 2022 | ୨୫ତମ ବର୍ଷ ସଂଖ୍ୟା–୨୧୦ ଭୁବନେଶ୍ୱର, ରବିବାର, ଅକ୍ଟୋବର ୦୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ନବୀନ ସରକାରକୁ ଚ୍ୟାଲେଞ୍ଜ କଲେ ବିଜେଡି ସାଂସଦ

ଭୁବନେଶ୍ୱର/ଜଗତସିଂହପୁର, ୮।୧୦(ପି.ଏନ): ଉପକୂଳ ରାଜପଥ ନେଇ ସରକାରଙ୍କ ସହ ମୁହାଁମୁହିଁ ହେଲେ ବିଜେଡି ସାଂସଦ ଓ ବିଧାୟକ। ଜନସଂପର୍କ ଯାତ୍ରାରେ ଏଭଳି ଆହ୍ୱାନ ଦେଇଛନ୍ତି ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ। ଆଉ ଏହାକୁ ତାଳି ମାରି ସମର୍ଥନ କରିଛନ୍ତି ବାଲିକୁଦା-ଏରସମାର ବିଧାୟକ ରଘୁନନ୍ଦନ ଦାସ। ୬ ବର୍ଷର ବାଦ-ବିବାଦ ପରେ ଗତ ବର୍ଷ ରାଜ୍ୟ ସରକାର ୩୮୨ କିମି ଉପକୂଳ ରାଜପଥକୁ ଆନୁଷ୍ଠାନିକ ଅନୁମୋଦନ ଦେଲା ପରେ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଏଭଳି ରଣହୁଙ୍କାର ସରକାର ଓ ନେତାଙ୍କ ଭିତରେ ଯେ ସବୁ କିଛି ଠିକ୍ ଚାଲିନାହିଁ ତାହା ପଦାରେ ପକାଇଛି।ଜନସଂପର୍କ ଯାତ୍ରା ଖୋଲିଦେଲା ନେତାଙ୍କ ମନକଥା। ସ୍ଥାନୀୟ ନେତାଙ୍କ ଅଜାଣତରେ ରାଜ୍ୟ ସରକାର କିଭଳି ଗତ ବର୍ଷ ବହୁ ପ୍ରତୀକ୍ଷିତ ଓଡିଶା ଉପକୂଳ ରାଜପଥ ନକ୍ସାକୁ ଅନୁମୋଦନ କରି କେନ୍ଦ୍ର ସଡକ ପରିବହନ ମନ୍ତ୍ରଣାଳୟକୁ ପଠାଇଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବାଲିକୁଦାର ପ୍ରାୟ ୯ଟି



ପଂଚାୟତର ଲୋକେ ପ୍ରାୟ ମାସେ ହେଲା ପ୍ରସ୍ତାବିତ ଉପକୂଳ ରାଜପଥ ନକ୍ସା ବଦଳିବା ନେଇ ବିରୋଧ କରିବା ପରେ ସାଂସଦ ଓ ବିଧାୟକଙ୍କ ସ୍ୱର ବଦଳିଛି। ଅନୁମୋଦିତ ନକ୍ସାରେ ଉପକୂଳ ରାଜପଥ ବାଲିକୁଦା ନିକଟରେ ସମୁଦ୍ରକୂଳର ୫ କିମି ଭିତରେ ନଯାଇ ପ୍ରାୟ ୨୫ କିଲୋମିଟର ଦୂରରେ ଯିବାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ତେବେ ଏ ନେଇ ଆମେ ସାଂସଦ ରାଜଶ୍ରୀ ମଲ୍ଲିକଙ୍କ ସହ ଯୋଗା ଯୋଗ କରିଥିଲେ ମଧ ସେ କୌଣସି ପ୍ରତିକ୍ରିୟା ରଖିନାହାଁନ୍ତି।୨୦୧୫ରେ ଭାରତ ସରକାରଙ୍କ ମହତ୍ୱାକାଂକ୍ଷୀ 'ଭାରତମାଳା ପ୍ରକଳ୍ପ' ଘୋଷଣା ହେଲା ପରେ ଓଡିଶାର ସାତପଡାଠାରୁ ଦୀଘା ପର୍ଯ୍ୟନ୍ତ ୪୪୦ କିମି ଉପକୂଳ ରାଜପଥ ତିଆରି ହେବ ବୋଲି ଘୋଷଣା ହୋଇଥିଲା। ରାଜପଥର ରାସ୍ତା ନେଇ ବିଜେଡି-ବିଜେପି ନେତାମାନେ କିଛି ଦିନ ମୁହାଁମୁହିଁ ହେବା ଓ ତିନି ଥର ଗତିପଥ ବଦଳିବା ପରେ ରାଜ୍ୟ ସରକାର ଗତ ବର୍ଷ ଅଗଷ୍ଟ ମାସରେ ପ୍ରକଳ୍ପକୁ ଅନୁମୋଦନ ଦେଲେ। ପରିବେଶ ଦୃଷ୍ଟିରୁ ଚିଲିକା ହ୍ରଦ, ବାଲୁଖଣ୍ଡ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ ଭଳି ଅଂଚଳକୁ ଛାଡି ରାଜପଥର ଲମ୍ୱକୁ ପୂର୍ତ୍ତ ବିଭାଗ ୫୮ କିମି କମାଇଦେଇଥିଲା। ଓଡିଶା ସରକାରଙ୍କ ପରାମର୍ଶ ଅନୁସାରେ ଏହାକୁ ୩୮୨ କିମି କରିଦିଆଗଲା ବୋଲି ଅଗଷ୍ଟ ୪ ତାରିଖରେ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ମଧ ଲୋକସଭାରେ ଉତ୍ତର ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଉପକୂଳ ରାଜପଥ ଖୋର୍ଦ୍ଧା ଟାଙ୍ଗିରୁ ଆରମ୍ଭ ହୋଇ ବ୍ରହ୍ମଗିରି-ପୁରୀ-କୋଣାର୍କ-ନାଉଗାଁ-ପାରାଦୀପ ବନ୍ଦର-ରତନପୁର ଯିବ ବୋଲି ସ୍ଥିର ହୋଇଛି। ଏପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟରୁ ୯୦% ଅଂଚଳରେ କେବଳ ସର୍ଭେ ? ଶେଷ ହୋଇଛି ବୋଲି ମନ୍ତ୍ରୀ ଗଡକରୀ କହିଛନ୍ତି।ଏବେ ପ୍ରଶ୍ନ ଉଠୁଛି, ଉପକୂଳ ରାଜପଥ ତିଆରି ହେଲେ ଦେଶବ୍ୟାପୀ ମାଲ ପରିବହନ ସୁରୁଖୁରୁରେ ହେବ, ପର୍ଯ୍ୟଟନର ବିକାଶ ହେବ, ସମୁଦ୍ରକୂଳବର୍ତୀ ଅଂଚଳ ସମୁଦ୍ର ??ଉରୁ ରକ୍ଷା ପାଇବ ଓ ଲୋକଙ୍କ ଅର୍ଥନୀତିର ବିକାଶ ହେବ ବୋଲି ରାଜ୍ୟବାସୀ ଆଶା ରଖିଛନ୍ତି। ଭାରତମାଳା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଦେଶର ବିଭିନ୍ନ ରାଜ୍ୟରେ ପ୍ରାୟ ୨୦ ହଜାର କିଲୋମିଟର ରାସ୍ତାରୁ ଏବେ ପ୍ରାୟ ୮ ହଜାର କିଲୋମିଟର କାମ ଶେଷ ହୋଇସାରିଲାଣି। ତେବେ ଓଡିଶାର ଟାଙ୍ଗିରୁ ରତନପୁର କାମର କେବେ ଟେଣ୍ଡର ହେବ ଓ ଓଡିଶାରେ ଟାଙ୍ଗିରୁ ଦୀଘା ପର୍ଯ୍ୟନ୍ତ ରାଜପଥ କେବେ ସରିବ ତାର ସ୍ପଷ୍ଟ ଉତ୍ତର କାହା ପାଖରେ ନାହିଁ।

## ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

ଗଞ୍ଜାମ, ୮।୧୦(ପି.ଏନ): ଗଞ୍ଜାମ ଜିଲ୍ଲାରେ ଡେଙ୍ଗୁ ପଜିଟିଭ୍ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଯାହାକି ବର୍ତମାନ ଚିନ୍ତାର କାରଣ ହୋଇଛି । ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁଁ ଡେଙ୍ଗୁର ବାହକ ଏଡ଼ିସ୍ ମଶା ସୃଷ୍ଟି ହୋଇ ରୋଗର କାରଣ ସାଜୁଛି । ଆଜି ସୁଦ୍ଧା ଜିଲାରେ ଡେଙ୍ଗୁ ପଜିଟିଭ୍ ସଂଖ୍ୟା ୧୧୧ ରେ ପହଂଚିଲାଣି । ଅନ୍ୟପକ୍ଷରେ ନେଗେଟିଭ୍ ଗ୍ରୁପ୍ ପ୍ଲେଟଲେଟ ଅଭାବ ଦେଖାଦେଇଛି । ଗଞ୍ଜାମ ଜିଲ୍ଲାର ଆନ୍ଧ୍ର ସୀମାନ୍ତ ବ୍ଲକରେ ସ୍ଥିତି ସଙ୍ଗିନ ହୋଇପଡିଛି । ଏହି ବ୍ଲକରୁ ବର୍ତମାନ ସୁଦ୍ଧା ୨୩ ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇସାରିଲେଣି । ଏପରିକି ଏହି ବ୍ଲକର ଜଣେ ସନ୍ଦିଗ୍ଧ ଡେଙ୍ଗୁ ରୋଗୀ ଯୁକ୍ତ ଦୁଇ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ଘଟଣାକୁ ନେଇ ବ୍ରହ୍ମପୁର ସହରର ଯୁବ ସାମାଜିକ କର୍ମୀ ରବିନ୍ଦ୍ର କୁମାର ମିଶ୍ର ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ଙ୍କ ନିକଟରେ ପିଟିସନ୍ ରୁଜୁ କରିଥିଲେ । ଏହାକୁ ଏନଏଚଆରସି ଗ୍ରହଣ କରି ୮ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆହୁରି ୨ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୮।୧୦(ପି.ଏନ): ଦକ୍ଷିଣ ବଙ୍ଗୋପସାଗର ଅଂଚଳରେ ବାୟୁମଣ୍ଡଳର ୧.୫ ରୁ ୫.୮ କିମି ମଧ୍ୟରେ ଏକ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି , ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, କନ୍ଧମାଳ ଓ ରାୟଗଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି , ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## କଟକ ବାଲିଯାତ୍ରା, ପ୍ଲଟ ଆବଂଟନ ପାଇଁ ପଞ୍ଜିକରଣ ଆରମ୍ଭ

କଟକ, ୮।୧୦(ପି.ଏନ): କଟକ ବାଲିଯାତ୍ରା ନିମନ୍ତେ ପ୍ଲଟ ଆବଂଟନ ପାଇଁ ପଞ୍ଜିକରଣ ଆଜିଠୁ ଆରମ୍ଭ ହୋଇଛି । ଏଥିପାଇଁ ଆବେଦନକାରୀଙ୍କୁ ୫ ହଜାର ଟଙ୍କା ପଇଠ କରିବାକୁ ପଡିବ । ପଞ୍ଜିକରଣ ପ୍ରକ୍ରିୟା ଶେଷ ହେବା ପରେ ନିଲାମ ପ୍ରକ୍ରିୟା ଆଗକୁ ବଢିବ । ମୋଟ୍ ୧୪୦୦ ପ୍ଲଟ୍ ଆବଂଟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ପୋଲିସ ଜିପ୍ - ଟ୍ରକ୍ ଧକ୍କା

ବାରିପଦା,୮।୧୦(ପି.ଏନ): ବାରିପଦା ସହର ଉପକଣ୍ଠ ଶାଳବଣି ନିକଟରେ ଆଜି ସକାଳେ ଏକ ପୋଲିସ ଜିପ୍ ଓ ଘୁଷୁରୀ ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିବା ବେଳେ ଜଣେ ମହିଳା ଆହତ ହୋଇଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ପରେ ଡାକ୍ତରଖାନାରେ ଭର୍ତି କରାଯାଇଛି।ଆଜି ସକାଳେ ଦୁଇ ଜଣ ପୁଲିସ କର୍ମଚାରୀ ଜଣେ ମହିଳା ଅଭିଯୁକ୍ତକୁ ନେଇ ବାରିପଦାରୁ କେସିପୁର ଫାଣ୍ଡିକୁ ଆସୁଥିଲେ। ଏହି ସମୟରେ ଶାଳବଣି ନିକଟରେ ବିପରୀତ ଦିଗରୁ ଆସୁଥିବା ଘୁଷୁରୀ ବୋଝେଇ ଟ୍ରକ୍ ସହ ପୁଲିସ୍ ଜିପ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଦୁଇ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲା ବେଳେ ତାଙ୍କ ସାଙ୍ଗରେ ଥିବା ମହିଳା ଅଭିଯୁକ୍ତ ମଧ୍ୟ ଆହତ ହୋଇଛନ୍ତି। ଗାଡ଼ିକୁ ଜବତ କରିବା ସହ ଟ୍ରକ୍ ଡ୍ରାଇଭରକୁ ଗିରଫ କରିଛି ପୁଲିସ । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି।

## ୭ମ ଶ୍ରେଣୀ ଛାତ୍ରୀ ପ୍ରସବ ପରେ ମୃତ୍ୟୁ ଘଟଣା: ହଷ୍ଟେଲ ମାଟ୍ରନ ନିଲମ୍ୱିତ

ଫୁଲବାଣୀ/ବାଲିଗୁଡା,୮।୧୦ (ପି.ଏନ): କନ୍ଧମାଳ ଜିଲ୍ଲା ବେଲଘର ଥାନା ଅଞ୍ଚଳର ୭ମ ଛାତ୍ରୀ ପ୍ରସବ ପରେ ମୃତ୍ୟୁ ଘଟଣାରେ ହଷ୍ଟେଲ ମାଟ୍ରନ ରଂଜିତା ବେହେରା କାର୍ଯ୍ୟରୁ ନିଲମ୍ୱିତ। ପ୍ରଧାନ ଶିକ୍ଷକ, ସହକାରୀ ଅଧୀକ୍ଷକ, ଏଏନ୍‌ଏମ୍ ?ଙ୍କୁ କାରଣ ଦର୍ଶାଅ ନୋଟିସ୍। ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଏନେଇ ଆଜି ସୂଚନା ଦେଇଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ।ସେପଟେ ଏହି ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଥିବା ବେଳେ ଝିଅର ମୃତ୍ୟୁ ପାଇଁ ପ୍ରଶାସନର ବେପରୁଆ ମନୋଭାବ ଓ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଦାୟୀ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାପା ଅଭିଯୋଗ କରିଛନ୍ତି, ମୃତ ଶିଶୁକୁ ଜନ୍ମ ଦେବା ପରେ ଝିଅର ସ୍ୱାସ୍ଥ୍ୟବସ୍ଥା ଭଲ ଥିଲା। ପରିବାର ଲୋକ ଝିଅର ଭଲମନ୍ଦ କଥା ହୋଇଥିଲେ। ହେଲେ ହଠାତ ଝିଅର ମୃତ୍ୟୁ କେମିତି ହେଲା, ତାହା ସମସ୍ତଙ୍କୁ ଚକିତ କରିଛି।ଅନ୍ୟପଟେ ଛାତ୍ରୀର ମୃତ୍ୟୁଦେହ ଗତକାଲି ତାଙ୍କ ଗାଁରେ ପହଞ୍ଚିବା ପରେ ଅଞ୍ଚଳବାସୀ ରାତି ତମାମ ଥାନା ଆଗରେ ବସି ନ୍ୟାୟ ପ୍ରଦାନ ଦାବି କରିଥିଲେ। ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ମୃତଦେହ ଦାହ



କରାଯାଇଥିଲା। ପ୍ରଶାସନ ପକ୍ଷରୁ ପରିବାର ଲୋକଙ୍କୁ ୫୦ ହଜାର ଟଙ୍କା ଅନୁକମ୍ପା ସହାୟତା ରାଶି ତୁରନ୍ତ ପ୍ରଦାନ କରାଯାଇଛି। ଆଉ ୫୦ ହଜାର ଟଙ୍କା ପରେ ପ୍ରଦାନ କରାଯିବ ବୋଲି ତୁମୁଡିବନ୍ଧ ଅତିରିକ୍ତ ତହସିଲଦାର ନରେନ୍ଦ୍ର ମଲିକ କହିଛନ୍ତି। ଏହି ଘଟଣା ପାଇଁ ପ୍ରଶାସନ ମର୍ମାହତ ଥିବା ଓ ଅଭିଯୁକ୍ତ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯିବ ବୋଲି ସେ କହିଛନ୍ତି।ସୂଚନା ଥାଉକି, ଛାତ୍ରୀ ଜଣକ ବେଲଘର ଥାନା ଅଂଚଳର ଏକ ସେବାଶ୍ରମ ସ୍କୁଲରେ ୭ମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ମାସ ୨୪ ତାରିଖରେ ସମ୍ପୃକ୍ତ ଛାତ୍ରୀ ଜଣକ ୪ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏ ନେଇ ସେବାଶ୍ରମ ସ୍କୁଲ କର୍ତ୍ତୃପକ୍ଷ ବେଲଘର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ବେଲଘର ପୁଲିସ ସେହି ଅଂଚଳର ଅନ୍ୟ ଏକ ସ୍କୁଲର ଦଶମ ଶ୍ରେଣୀ ଛାତ୍ରକୁ ଅଟକ ରଖିଥିଲା। ଅନ୍ୟପଟେ ପୀଡିତା ଛାତ୍ରୀଙ୍କୁ ପ୍ରଶାସନ ଜି.ଉଦୟଗିରି ସୁଭଦ୍ରା ମହତାବ ସେବାସଦନରେ ଥଇଥାନ କରିଥିଲା। ଏହି ସମୟରେ ସ୍ୱାସ୍ଥ୍ୟବସ୍ଥା ଖରାପ ପରେ ଛାତ୍ରୀଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ଚିକିତ୍ସା ନିମନ୍ତେ ନିଆଯାଇଥିଲା। ହେଲେ ୩୦ ତାରିଖରେ ଛାତ୍ରୀଙ୍କୁ ଥଇଥାନ କେନ୍ଦ୍ରକୁ ଫେରାଇ ଅଣାଯାଇଥିଲା। ଏହାପରେ ଛାତ୍ରୀଙ୍କ ପେଟ ବ୍ୟଥା ହେବା ସହ ସେ ଡାକ୍ତରଖାନାରେ ଏକ ମୃତ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଛୁଆ ଜନ୍ମ ପରେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଏହା ପରଦିନ ଜି.ଉଦୟଗିରି ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

## ତେଜରାତି ଦୋକାନରୁ କୋଟିପତି: ଅର୍ଚ୍ଚନାଙ୍କୁ ବାହା ହେବା ପରେ ବଦଳିଲା ଭାଗ୍ୟ

ଜଳେଶ୍ୱର,୮।୧୦(ପି.ଏନ): ତେଜରାତି ଦୋକାନ କରି ଚଳୁଥିବା ଜଗବନ୍ଧୁ ଚାନ୍ଦ କେମିତି ହେଲେ କୋଟିପତି ଗତ ୪ ବର୍ଷ ଭିତରେ ଜଗବନ୍ଧୁ ଓ ତାଙ୍କ ପତ୍ନୀ ଅର୍ଚ୍ଚନା କେମିତି ତିଆରି କଲେ ବିଶାଳ ସାମ୍ରାଜ୍ୟ କାହା ଛତ୍ରଛାୟା ତଳେ ଉଭୟ ସ୍ୱାମୀ-ସ୍ତ୍ରୀ ଚଳାଉଥିଲେ ସୈତାନୀ ଚାଲ୍ ଜଗବନ୍ଧୁ ଓ ଅର୍ଚ୍ଚନା ଗିରଫ ପରେ ସାଧାରଣରେ ଏମିତି ଅସମାରହିତ ପ୍ରଶ୍ନ ଉଙ୍କି ମାରୁଛି। ହେଲେ ଏହି ହାଇପ୍ରୋଫାଇଲ୍ ମାମଲାକୁ ନେଇ ମୁହଁ ଖୋଲୁନି ଭୁବନେଶ୍ୱର କମିଶନରେଟ୍ ପୁଲିସ୍।ବାଲେଶ୍ୱର ଜିଲ୍ଲା ନେତୁଆ ପଞ୍ଚାୟତ ବାଉଁଶବାଣୀ ଗାଁରେ ଜଗବନ୍ଧୁ ଚାନ୍ଦ। ୧୫ ବର୍ଷ ତଳେ ଜଗବନ୍ଧୁ, ତାଙ୍କ ବଡ ଭାଇ ବୈକୁଣ୍ଠ ଓ ବାପା ମିଶି ଗାଁରେ ଖୋଲିଥିଲେ ତେଜରାତି ଦୋକାନ। ସେଥିରୁ ଯାହା ଉପାର୍ଜନ ହେଉଥିଲା, ସେଥିରେ ଚଳୁଥିଲା ପୂରା ପରିବାର। ଏକ ଆଜବେଷ୍ଟସ୍ ଘରେ ସମସ୍ତେ ରହୁଥିଲେ। ୪ ବର୍ଷ ତଳେ ଜଗବନ୍ଧୁ ରାଜଧାନୀ ଭୁବନେଶ୍ୱର ପଳାଇ ଆସି ଥିଲେ। ଏଠାରେ ଜଣେ ବନ୍ଧୁଙ୍କ ସହ ମିଶି କରୁଥିଲେ ପୁରୁଣା ଗାଡି ବେପାର। ସେହି ସମୟରେ ତାଙ୍କ ସହ ଦେଖା ହୋଇଥିଲା ଅର୍ଚ୍ଚନା ନାଗ। ତା'ପରେ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଗ? ଉଠିଥିଲା। ପରେ ବାହାଘର ହୋଇଥିଲା। ତେବେ ଏହି ୪ ବର୍ଷ ଭିତରେ ଜଗବନ୍ଧୁ ଓ ଅର୍ଚ୍ଚନା କ'ଣ ଏମିତି ପାଇଲେ ଯେ କୁବେର ପାଲଟି ଗଲେବାପା, ମାଆ, ଭାଇ ଗାଁରେ ଆଜବେଷ୍ଟସ୍ ଘରେ ରହୁଥିବା ବେଳେ ଜଗବନ୍ଧୁ ଓ ଅର୍ଚ୍ଚନା ରାଜଧାନୀ ଭୁବନେଶ୍ୱରର ଛାତି ଉପରେ



ଗ?ିଥିଲେ ଗଗନଚୁମ୍ବୀ ଅଟ୍ଟାଳିକା। ଆଉ ଘର ସଜାଇଥିଲେ ଆଖି ଝୋସି ହୋଇଗଲା ଭଳି ଆସବାବପତ୍ରରେ। ଘରେ ଥିଲା ଲକ୍ଷାଧିକ ଟଙ୍କାର ପଲଙ୍କ, ସୋଫା ଓ ଅନ୍ୟାନ୍ୟ ଫର୍ଣ୍ଣିଚର। ବିନ୍ଦାସ୍ ଲାଇଫ୍ ?ଷ୍ଟାଇଲରେ ବିତାଉଥିବା ଅର୍ଚ୍ଚନା ଓ ଜଗବନ୍ଧୁ ଚଢୁଥିଲେ ନାମୀଦାମୀ ଗାଡି। ବିଏମଡବ୍ଲ୍ୟୁ, ଫର୍ଡ ଏଣ୍ଡେଭର, ସୁଜୁକି ସ୍ୱିଫ୍ଟ, ଓ ମହିନ୍ଦ୍ରା ଥର୍ ଭଳି ଅନେକ କାର ତାଙ୍କ ପାଖରେ ରହିଛି। ତାଙ୍କ ପାଖରେ ହାର୍ଲି ଡେଭିଡସନ ବାଇକ୍ ମଧ ରହିଛି। ମାଡାମ୍‌ଙ୍କ ପାଖରେ ଘୋଡା, ନଖରାରେ ଫାର୍ମ ହାଉସ ଓ କାର୍ ସୋରୁମ୍ ରହିଥିବା ଜଣାପଡିଛି।ତେବେ ଏଠି ପ୍ରଶ୍ନ ଉଠୁଛି, ଅର୍ଚ୍ଚନା କୋଟିକୋଟି ଟଙ୍କା ମାଲିକାଣୀ ହେଲେ କେମିତି ଏହାର ଉତ୍ତର କାହା ପାଖରେ ନାହିଁ। ଏପରିକି ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ଏନେଇ ମୁହଁ ଖୋଲୁନାହିଁ। ରାତି ଅଧିଆ ଅର୍ଚ୍ଚନା ଓ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବଡବଡିଆଙ୍କୁ ମୁଖା ଖୋଲିଯିବା ଭୟରେ ପୁଲିସ୍ ଚୁପ୍ ରହୁଛି କି ଏପରି ନାନା ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି।ଶୁଣିବାକୁ ମିଳୁଛି ଅର୍ଚ୍ଚନା ପ୍ରଥମରେ ବିଭିନ୍ନ ସୋଶାଲ୍ ମିଡିଆରେ ବନ୍ଧୁତା କରୁଥିଲେ। ତା'ପରେ ମିଠା ମିଠା କଥା କହି ସେମାନଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ପରେ ବିଭିନ୍ନ ବାହାନା କରି ନିଜ ଇନ୍ଦ୍ର ମହଲ୍ ? ପରି କରିଥିବା ଘରକୁ ଡାକୁଥିଲେ। କଥା ହେବା ବାହାନାରେ ଘରେ ଖଞ୍ଜିଥିବା ଗୁପ୍ତ କ୍ୟାମେରାରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଶୁଟିଂ କରୁଥିଲେ। ଆଉ ତା'ପରେ ଖେଳ ଆରମ୍ଭ କରୁଥିଲେ ବ୍ଲାକମେଲର। ଭିଡିଓ ଦେଖାଇ କରୁଥିଲେ ବ୍ଲାକମେଲିଂ। ଆଦାୟ କରୁଥିଲେ ମୋଟା ଅଙ୍କର ଟଙ୍କା।ସେପଟେ ଅର୍ଚ୍ଚନାଙ୍କ ପାୱାରପଫୁଲ ଲିଙ୍କ ସାମ୍ନାକୁ ଆସିବା ପରେ ତେଜିଛି ରାଜନୀତି। ମହିଳାଙ୍କ ସହ ସଂପର୍କ ଥିବା ରାଜନେତା ଓ ବ୍ୟୁରୋକ୍ରାଟ୍‌ଙ୍କ ନାଁ ପୁଲିସ କାହିଁକି କାଢୁନି ବୋଲି ପଚାରିଛି ବିଜେପି। ପୁଲିସ ଚାପରେ ରହି କାମ କରୁଥିବା ଦଳ ଅଭିଯୋଗ କରିଛି। ତେବେ କଂଗ୍ରେସ, ଉଭୟ ବିଜେଡି ଓ ବିଜେପିକୁ ଟାର୍ଗେଟ କରିଛି। ଦୁଇ ଦଳର ନେତାଙ୍କ ଦୁର୍ନୀତ ଟଙ୍କା ଏଭଳି ଢଙ୍ଗରେ ଖର୍ଚ୍ଚ ହୁଏ ବୋଲି ଦଳ କହିଛି।

## ଗାଁ ରେ ପହଂଚି ପାରିଲାନି ଆମ୍ବୁଲାନ୍ସ, ଭାରରେ ବୁହାହେଲେ ରୋଗୀ

ମାଲକାନଗିରି, ୮।୧୦(ପି.ଏନ): ତାଗାବେଡା ଗ୍ରାମରେ ଭାରରେ ବୁହା ହେଲେ ରୋଗୀ। ପହଂଚି ପାରିଲାନି ଆମ୍ବୁଲାନ୍ସ। ରାଜ୍ୟ ସରକାର ସମସ୍ତ ଗ୍ରାମକୁ ପକ୍କା ରାସ୍ତା ଯୋଗେଇ ଦେଉଥିବା କହୁଥିବା ବେଳେ ଏମିତି କେତେ ଅଂଚଳ ଅଛି ଯେଉଁଠାରେ କି ଯାତାୟତ ପାଇଁ ଭଲ ରାସ୍ତାଟିଏ ନାହିଁ ଯାହା ଫଳରେ ଲୋକେ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୁର୍ଗମ ଅଂଚଳକୁ ରାସ୍ତା ନଥିବାରୁ ଭାରରେ ରୋଗୀଙ୍କୁ ବୁହା ଯାଉଥିବା ଏମିତି ଏକ ଭିଡ଼ିଓ ଭାଇରାଲ ହେଇଛି। ଭାଇରାଲ ଭିଡିଓଟି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ତାଗାବେଡା ଗ୍ରାମର । ତାଗାବେଡା ଗ୍ରାମର ଜଣେ ବୃଦ୍ଧ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ପଡ଼ିରହିଥିଲେ । ଦୁଇ ଦିନ ତଳେ ତାଙ୍କର ଦେହ ଅତି ଗୁରୁତର ହେବା ଫଳରେ ପରିବାର ଲୋକେ ଏବଂ ଗ୍ରାମବାସୀ ମିଶି ରୋଗୀଙ୍କୁ ଏକ ଡାଲାରେ ଭାର କରି ଦୀର୍ଘ ୧୦ କିଲୋମିଟର ପାହାଡ଼ିଆ ରାସ୍ତା ଅତିକ୍ରମ କରି ଖଇରପୁଟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ । ବର୍ତମାନ ଗ୍ରାମବାସି ଅନେଇ ବସିଛନ୍ତି ଗାଁକୁ କେବେ ପକ୍କା ରାସ୍ତାଟିଏ ଆସିବ । ତେବେ ଏହି ଦୁର୍ଗମ ଅଂଚଳ ଆଦିମ ଆଦିବାସୀଙ୍କ ଦୁଃଖ କେବେ ବୁଝିବେ ସରକାର ତାହା ଦେଖିବାରୁ ବାକି ରହିଲା।

## ଆସନ୍ତାକାଲି ମା ଗଜଲକ୍ଷ୍ମୀ ପୂଜା, ଚଳଚଂଚଳ ଢ଼େଙ୍କାନାଳ ସହର

ଢ଼େଙ୍କାନାଳ, ୮।୧୦(ପି.ଏନ): ଆସନ୍ତାକାଲି ମା ଗଜଲକ୍ଷ୍ମୀ ପୂଜା । ଏନେଇ ଚଳଚଂଚଳ ହୋଇଉଠିଛି ଢ଼େଙ୍କାନାଳ ସହର । ପୂଜା ମଣ୍ଡପ ଗୁଡିକରେ ତୋରଣ, ଆଲୋକ ମାଳା ସାଜସଜ୍ଜା ଓ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଅନ୍ୟପକ୍ଷରେ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଆହୁରି ୨ ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୮।୧୦(ପି.ଏନ): ଦକ୍ଷିଣ ବଙ୍ଗୋପସାଗର ଅଂଚଳରେ ବାୟୁମଣ୍ଡଳର ୧.୫ ରୁ ୫.୮ କିମି ମଧ୍ୟରେ ଏକ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି , ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, କନ୍ଧମାଳ ଓ ରାୟଗଡା ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି , ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୯ରୁ ୧୦ ତାରିଖ ମଧ୍ୟରେ ଗଂଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ,ଗଂଜାମ, ଗଜପତି, ମୟୁରଭଂଜ, କେନ୍ଦୁଝର, ଢେଙ୍କାନାଳ, କନ୍ଧମାଳ ,ରାୟଗଡା,ଅନୁଗୁଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି , ଘଡଘଡି ସହ ବର୍ଷା ହୋଇପାରେ। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ୯ ବର୍ଷର ପୁତୁରାକୁ ଚେଙ୍କ ଦେଉଥିଲେ ଦାଦା,ଖୁଡି : ଥାନାରେ ଏତଲା ଦେଲେ ଅଜା ଓ ଆଈ

କଟକ/ଭୁବନେଶ୍ୱର, ୮।୧୦(ପି.ଏନ):ଦୁଷ୍ଟ ହେବାରୁ ୯ ବର୍ଷର ପୁତୁରାକୁ ଚେଙ୍କ ଦେଇଛନ୍ତି ଦାଦା ଓ ଖୁଡି। ମର୍କତନଗର ଥାନା ସିଡିଏ ସେକ୍ଟର ୭ରେ ଘଟିଛି ଏହି ଅଭାବନୀୟ ଘଟଣା। ସେମାନଙ୍କ ନାଁରେ ମର୍କତନଗର ଥାନାରେ ଆଈ ଓ ଅଜା ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ ଅଭିଯୋଗକାରୀ ଆଈ ବୈଜୟନ୍ତୀ ରାଉତ, ଅଜା ମଦନମୋହନ ରାଉତଙ୍କ ଘର ଢେଙ୍କାନାଳ ମାନପୁର ଅଂଚଳରେ। ତାଙ୍କ ଝିଅ ୨୦୧୩ ବଅଁରପାଳ ଅଂଚଳର ତଥା କଟକ ସିଡିଏ ସେକ୍ଟର ୬ରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ନାତି ଜନ୍ମ ହେବା ପରେ ଝିଅ ପୁଣି ଗର୍ଭବତୀ ହୋଇଥିଲା। ୮ ମାସ ଗର୍ଭବତୀ ଥିବା ବେଳେ ୨୦୧୮ରେ ଝିଅର ଅକସ୍ମାତ୍ ମୃତ୍ୟୁ ହୋଇଥିଲା। ପରେ ଜ୍ୱାଇଁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଦୁହିଁଙ୍କ ଭିତରେ ମନମାଳିନ୍ୟ ଘଟିବା ସହ ମାମଲା କୋର୍ଟକୁ ଯାଇଥିଲା ଓ ବିବାହ ବିଚ୍ଛେଦ ହୋଇଥିଲା। ଏହି ସମୟରେ ନାତିର ସୁରକ୍ଷା ଯତ୍ନ ଭାର ନେଇଥିଲେ ଅଜା ଓ ଆଈ। ନାତି ୨ୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ହଠାତ୍ ନାତିର ସୁରକ୍ଷା ଓ ଯତ୍ନ ଦାୟିତ୍ୱ କଟକରେ ରହୁଥିବା ଜେଜେ ଓ ଜେଜେ ମା' ନେବେ ବୋଲି ଯାଇ କହିଥିଲେ ଓ ଶିଶୁ ନେଇ ଚାଲି



ଆସିଥିଲେ। ସେଠାରେ ସେ ଦାଦା, ଖୁଡ଼ିଙ୍କ ପାଖରେ ରହି ୩ୟ ଶ୍ରେଣୀରେ ପଢୁଥିଲା। ଦଶହରା ଦିନ ହଠାତ୍ କଟକରେ ଯାଇ ଅଜା ଓ ଆଈ ନାତିକୁ ଘରକୁ ବୁଲାଇବାକୁ କହିଥିଲେ। ହେଲେ ପ୍ରଥମେ ଅରାଜି ହୋଇଥିଲେ ହେଁ ପରେ ଜେଜେ ମା' ଓ ଖୁଡ଼ି ନାତିକୁ ଛାଡ଼ିଥିଲେ। ଆଈ ଘରେ ପହଂଚିବା ପରେ ତାକୁ ଦାଦା, ଖୁଡ଼ି ନିର୍ଯାତନା ଦେବାର ଲୋମ ଟାଙ୍କୁରା କଥା କହିଥିଲା ନାତି। ତାଙ୍କୁ ପିଠ ପାତିଆରେ ଶରୀର ବିଭିନ୍ନ ସ୍ଥାନରେ ଚେଙ୍କ ଦିଆଯାଉଥିବା, ତଂଟିକୁ ଚିପି ଖଣ୍ଡିଆ କରି ଦିଆଯାଇଥିବା, ପେଟକୁ ଜୋତାରେ ମାରିବା, କଥା ନ ମାନିଲେ ରାତିରେ ଘରୁ ବାହାର କରିଦେଇ ଚୌକିଆ ବସାଇବା , ହସଖୁସି କଲେ ଦାଦା ବେଲ୍ଟରେ ମାଡ଼ ମାରୁଥିବା ନେଇ ଆଈ ଆଗରେ ନାତି କହିଥିଲା। ଏକଥା କାହାକୁ ନ କହିବାକୁ ଓ କହିଲେ ଜୀବନରୁ ମାରି ଦିଆଯିବ ଧମକ ଦିଆଯାଇଥିବା ମଧ ଶିଶୁଟି କହିଛନ୍ତି।ଶିଶୁଟି ମଧ ପୁଲିସ ଆଗରେ ଏଭଳି ନିର୍ଯାତନାର ଲୋମଟାଙ୍କୁରା କଥା ବଖାଣିଛି। ଲିକୁ ଦାଦା ଓ ପାୟଲ ଖୁଡ଼ି ତାଙ୍କୁ ମାସେ ହେବ ଏଭଳି ଅକଥନୀୟ ନିର୍ଯାତନା ଦେଇଥିବା ଏବଂ ମାଡ଼ ମରାଯାଉଥିବାର ଦାଗ ଦେଖାଇଥିଲା। ଶିଶୁଟିର ତଂଟି, ହାତ, ଗୋଡ଼, ପିଠି ପ୍ରଭୃତି ସ୍ଥାନରେ ଚେଙ୍କ ଓ ମାଡ଼ ମରାଯାଉଥିବା ଦାଗ ଦେଖିବାକୁ ମିଳିଛି।ଅଭିଯୋଗକୁ ଭିତି କରି ମର୍କତନଗର ପୁଲିସ ଆଇପିସିର ଦଫା ୫୦୬, ୩୨୩, ୩୨୪, ୩୪୧ ଓ ୨୩ ଜୁଭେନାଲ ଆକ୍ଟରେ ଅଭିଯୁକ୍ତ ବିରୋଧରେ ମାମଲା କରିଛି। ନାବାଳକର କାଉନସିଲିଂ ସହ ସୁରକ୍ଷା ଓ ଯତ୍ନ ନିମନ୍ତେ ତାକୁ ସିଡବ୍ଲୁସିରେ ହାଜର କରାଯିବ।

## ଅବକାରୀ ଚଢ଼ଉ: କୋଠାରୁ ବିପୁଳ ଦେଶୀ ମଦ ଓ ପୋଚ ଜବତ

କଟକ, ୮।୧୦(ପି.ଏନ):କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ଏକ ଦୁଇମହଲା ବିଶିଷ୍ଟ କୋଠାରୁ ଚୋରାରେ ବିକ୍ରି ପାଇଁ ରଖାଯାଇ ଥିବା ଶହ ଶହ ଲିଟର ଦେଶୀ ମଦ ଜବତ ହୋଇଛି ।ସୂଚନା ମୁତାବକ, ତିଗିରିଆ ଥାନା ଅନ୍ତର୍ଗତ ଭିରୁଡା ଗ୍ରାମର ବିଭିନ୍ନ ସ୍ଥାନରେ ଆଠଗଡ଼ ଅବକାରୀ ବିଭାଗ ଏବଂ କଟକ କେନ୍ଦ୍ରୀୟ ସ୍କ୍ୱାଡ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ଏହି ଦୁଇ ମହଲା ଘରୁ ଶହ ଶହ ଲିଟର ମଦ ଜବତ ହୋଇଛି । ଅବକାରୀ ବିଭାଗ ହଜାର ହଜାର ଲିଟର ପୋଚ ନଷ୍ଟ କରିଛି । ତେବେ କୌଣସି ମଦ ମାଫିଆ ଗିରଫ ହୋଇନଥିବା ଜଣାପଡିଛି। ଏନେଇ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରୀ ରହିଛି ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ ।
ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ ।
ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଲାଲବାହାଦୂର ଶାସ୍ତ୍ରୀଙ୍କର ରହସ୍ୟମୟ ମୃତ୍ୟୁ ସମ୍ପର୍କିତ ନଥି ସାର୍ବଜନୀନ କରାଯାଉ !

**ସମ୍ମାନାସ୍ପଦ ଭାରତର ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ଦାସ ମୋଦି ଜୀ!** ମୋର ହୃଦୟସ୍ପର୍ଶୀ ପ୍ରଣାମ ଗ୍ରହଣ କରିବେ। ମୁଁ ଜଣେ ଭାରତୀୟ ସଚେତନ, ଦାୟିତ୍ୱବୋଧ ସାଧାରଣ ନାଗରିକ ଭାବରେ ଆପଣଙ୍କ ପାଖକୁ ମୋ ଦେଶର ଏକ ବହୁ ଗୁରୁତ୍ୱପୂର୍ଣ୍ଣ ସମ୍ବେଦନଶୀଳ ପ୍ରସଙ୍ଗଟିକୁ ଆପଣଙ୍କ ପାଖରେ ଦାବି ରଖିଛି ଯାହା ସମଗ୍ର ଭାରତବର୍ଷର ଆତ୍ମା ଚାହିଁଛି। ଦେଶ ମାତୃକାର ଏଭଳି ଜଣେ ଯୋଗଜନ୍ମା ବ୍ୟକ୍ତିତ୍ୱର ଅଧିକାରୀ ଏବଂ ତାଙ୍କର ମୂଲ୍ୟାୟନକୁ ଦେଶବାସୀଙ୍କ ପକ୍ଷରୁ ଭକ୍ତିପୂତ ସସମ୍ମାନ, ଶ୍ରଦ୍ଧାସୁମନ, ଶ୍ରଦ୍ଧାଞ୍ଜଳି ଦିଆ ଯାଉଥିବା ବେଳେ





ଦେଶର ସରକାରଙ୍କ ତରଫରୁ ଘୋର ଅବହେଳା ପ୍ରଦର୍ଶନ କରିବା ଦେଶବାସୀଙ୍କ ହୃଦୟକୁ ଗଭୀର ଆଘାତ ଦେଇଛି। ଯାହାକି ଆଦୌ ଗ୍ରହଣୀୟ ନୁହେଁ। ଦେଶର ଏକତା, ଅଖଣ୍ଡତାକୁ ଦୃଢ ମଜଭୁତ କରେ ଏଭଳି ବ୍ୟକ୍ତିତ୍ୱର ମୂଲ୍ୟାୟନ। ଲାଲ ବାହାଦୂର ଶାସ୍ତ୍ରୀ ସ୍ୱୀୟ ନିରଳସ ତଥା ଆମାୟିକ ବ୍ୟବହାର ଯୋଗୁଁ ବିଶ୍ୱବ୍ୟାପୀ ଖ୍ୟାତିଲାଭ କରିଥିଲେ। ତାଙ୍କର ସବୁଠୁ ଭଲ ଗୁଣ ଥିଲା ପ୍ରଶଂସା ଠାରୁ ଦୂରରେ ରହିବା। ଥରେ ତାଙ୍କର ମିତ୍ର ବନ୍ଧୁ ପ୍ରଶ୍ନ କରିଥିଲେ, ଆପଣ ସର୍ବଦା ପ୍ରଶଂସା ଠାରୁ ଦୂରେଇ ରହିବା ସହ ସ୍ୱାଗତ ସମ୍ବର୍ଦ୍ଧନା କିମ୍ବା ସମ୍ମାନ ପ୍ରଦର୍ଶନ କାର୍ଯ୍ୟକ୍ରମକୁ ପ୍ରତ୍ୟାଖାନ କରୁଛନ୍ତି। ଏ ସବୁରେ ଭାଗିଦାର ହେବାକୁ ଆଦୌ ଚାହୁଁ ନାହାଁନ୍ତି। ଏହାର କାରଣ କ'ଣ ହୋଇପାରେ ?

ଲାଲ ବାହାଦୂର ହସି ହସି ସରଳ ଭାବରେ ଏହାର ଉତ୍ତର ଦେଇଥିଲେ। ଥରେ ଲାଲା ଲଜପତ ରାୟ ମୋତେ କହିଥିଲେ-ଲାଲ ବାହାଦୂର ! ତାଜମହଲ ନିର୍ମାଣରେ ଦୁଇ ପ୍ରକାର ପଥର ବ୍ୟବହୃତ ହୋଇଥିଲା। ତନ୍ମଧ୍ୟରୁ ଗୋଟିଏ ହେଲା ଶଙ୍ଖମର୍ମର, ଅନ୍ୟଟି ହେଲା ସାଧାରଣ ପଥର। ସାଧାରଣ ପଥର ନିମ୍ନ ଭାଗରେ ବ୍ୟବହୃତ ହୋଇଥିଲା। ଶଙ୍ଖ ମର୍ମର ପଥର ଉପରି ଭାଗରେ ବ୍ୟବହୃତ ହୋଇଥିଲା। ନିମ୍ନ ଭାଗର ସବୁ ପ୍ରକାର କାର୍ଯ୍ୟରେ ସାଧାରଣ ପଥର ବ୍ୟବହାର କରାଯାଇଥିଲା। ଶଙ୍ଖ ମର୍ମର ପଥରକୁ ସମସ୍ତେ ଦେଖୁଛନ୍ତି। ସେ ମଧ୍ୟ ସଭିଙ୍କୁ ଦେଖୁଛି। ସାଧାରଣ ପଥର ଯାହା ନିମ୍ନ ଭାଗରେ ରହିଛି ତା'କୁ କେହି ହେଲେ ଦେଖିପାରୁ ନାହାଁନ୍ତି କି ସେ ମଧ୍ୟ କାହାରିକୁ ଦେଖିପାରୁ ନାହିଁ। ହେଲେ ସେହି ସାଧାରଣ ପଥରର ଭିତ୍ତିଭୂମି ଉପରେ ହିଁ ତାଜମହଲ ଦଣ୍ଡାୟମାନ ହୋଇ ରହିଛି। ମୁଁ ସେହିଭଳି ଭାବରେ ଜୀବନ ଯାପନ କରିବାକୁ ଚାହୁଁଛି।

ଲାଲାଜୀଙ୍କର ଏହି ଉକ୍ତି ଲାଲ ବାହାଦୂରଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ବନ୍ଧୁଙ୍କୁ ବୁଝାଇ ଦେଇଥିଲେ ମୁଁ ଲାଲାଜୀଙ୍କର ସେହି ଶିକ୍ଷା ଦ୍ୱାରା ଗଭୀର ଭାବରେ ଅନୁପ୍ରାଣୀତ ହୋଇଥିଲି। ଏହାକୁ ଜୀବନର ଧ୍ୟେୟ ଭାବି ସେହି ନିମ୍ନସ୍ଥ ସାଧାରଣ ପଥରର (ଯାହା ଚକ୍‌ଚକ୍ ଦେଖାଯାଉ ନଥିଲା କିମ୍ବା ଯାହାକୁ କେହି ଦେଖିପାରୁ ନଥିଲେ) ନୀତିକୁ ଅନୁକରଣ କରି ଜୀବନ ଅତିବାହିତ କରିବାକୁ ପ୍ରଯନ୍ କରୁଛି।

ଏହି ଭାରତମାତାର ଯୋଗଜନ୍ମା ମହାପୁରୁଷଙ୍କର ଆକସ୍ମିକ ମୃତ୍ୟୁର ରହସ୍ୟ ଜନିତ ସମ୍ପର୍କିତ ନଥିପତ୍ର ଭାରତ ସରକାରଙ୍କ ପକ୍ଷରୁ ଥଣ୍ଡା ଆଲମିରା ମଧ୍ୟରେ ଆଜି ପର୍ଯ୍ୟନ୍ତ ରଖିଦିଆ ଯାଇଛି। ଏହାକୁ ସାର୍ବଜନୀନ କରିବା ପାଇଁ କେନ୍ଦ୍ର ସୂଚନା ଆୟୋଗ ପକ୍ଷରୁ ସ୍ୱାଧୀନ ଭାରତମାତାର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ମୃତ୍ୟୁର ରହସ୍ୟ ତଦନ୍ତ ରିପୋର୍ଟ ସାର୍ବଜନୀତ କରିବା ପାଇଁ ଆପଣଙ୍କର କାର୍ଯ୍ୟାଳୟ ସହିତ ବୈଦେଶିକ ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗତ ୧୫ ମେ, ୨୦୧୮ ରିଖ ମଙ୍ଗଳବାର ଗଣମାଧ୍ୟମରେ ଘୋଷଣା କରାଯାଇଥିଲା।

୧୯୬୬ ମସିହା ଜାନୁୟାରୀ ୧୧ ତାରିଖ ରାତ୍ର ସମୟରେ ରୁଷର ତାସକେଣ୍ଟଠାରେ ପାକିସ୍ତାନ ରାଷ୍ଟ୍ରପତି ମହମ୍ମଦ ଆୟୁବ ଖାଁଙ୍କ ସହିତ ୧୯୬୫ ଯୁଦ୍ଧର ପରବର୍ତ୍ତୀ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରର ଠିକ୍ ପରେ ଶାସ୍ତ୍ରୀଙ୍କର ରହସ୍ୟଜନକ ପରିସ୍ଥିତିରେ ମୃତ୍ୟୁ ହୋଇଥିଲା। ୧୯୭୭ରେ ତତ୍କାଳୀନ ଜନତାପାର୍ଟି ସରକାରଙ୍କ ଦ୍ୱାରା ଗଠିତ ରାଜ ନାରାୟଣ କମିଟି କେଉଁ ପରିସ୍ଥିତିରେ ଶାସ୍ତ୍ରୀଙ୍କର ମୃତ୍ୟୁ ହେଲା, ତାହାର ତଦନ୍ତ କରି ସରକାରଙ୍କୁ ରିପୋର୍ଟ ଦେଇଥିଲେ। ଏହି ଦୁଃଖଦପୂର୍ଣ୍ଣ ଘଟଣାର ରିପୋର୍ଟ ସମ୍ପ୍ରତି କେଉଁଠାରେ ରହିଛି, ତାହା ମିଳୁନାହିଁ। ଯାହାକି ଦେଶବାସୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇବା ସହିତ ଘୋର ଆଘାତ ଦେଇଛି।

ସୂଚନା ଆୟୁକ୍ତ ଶ୍ରୀଧର ଆଚାର୍ଯ୍ୟଲୁ (ଝକ୍ସୟଷବକ୍ସ ଇମଷବକ୍ସଚବଷଙ୍କ) ଏହି ପରିପ୍ରେକ୍ଷୀରେ ଆପଣଙ୍କ ସରକାରଙ୍କ ପାଖରେ ଦ୍ୱିତୀୟ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ସଂକ୍ରାନ୍ତ କେଉଁସବୁ ଦଲିଲ ମହଜୁଦ ରହିଛି, କେଉଁ ପରିପ୍ରେକ୍ଷୀରେ କାହିଁକି ଏପର୍ଯ୍ୟନ୍ତ ଦେଶବାସୀଙ୍କ ସମ୍ମୁଖରେ ଲୁକ୍କାୟିତ ରଖାଯାଇଛି ସେ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଦର୍ଶାଇଛନ୍ତି ଯେ, ଶାସ୍ତ୍ରୀଙ୍କ ମୃତ୍ୟୁ ରହସ୍ୟ ସମ୍ପର୍କରେ ସମସ୍ତ ତଥ୍ୟ ତାଙ୍କ ଆତ୍ମୀୟଙ୍କ ଠାରୁ ଆରମ୍ଭ କରି ଦେଶର ସମଗ୍ର ଜନତା ଜାଣିବା ପାଇଁ ନ୍ୟାୟସଂଗତ ଅଧିକାର ରହିଛି ଓ ସେମାନଙ୍କୁ ଏହା ଜଣାଇବାର ସାମ୍ବିଧାନିକ କର୍ତ୍ତବ୍ୟ ମଧ୍ୟ ସରକାରଙ୍କର ଦାୟିତ୍ୱ ରହିଛି। ତା'ଛଡ଼ା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହାର ମୁଖ୍ୟଙ୍କର କ'ଣ ଅସୁବିଧା ହେଲା ତାହା ଜାଣିବା ପାଇଁ ମଧ୍ୟ ପ୍ରାଥମିକ ଦାୟିତ୍ୱ, ଯାହା ଅଦ୍ୟାବଧି ନିର୍ବାହ ହୋଇନାହିଁ ବୋଲି କ୍ଷୋଭର ସହିତ ଶ୍ରୀଧର ଲେଖିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ନବଦୀପ ଗୁପ୍ତା (Nabadip Gupta) ନାମକ ଜଣେ ବ୍ୟକ୍ତି ଶାସ୍ତ୍ରୀଙ୍କ ମୃତ୍ୟୁ କିପରି ହେଲା ? ଶବ ବ୍ୟବଚ୍ଛେଦ ହୋଇଛି କି ନାହିଁ ଏହାର ରିପୋର୍ଟ ଅନ୍ତିମ ସଂସ୍କାର ମୃତ୍ୟୁ ସମ୍ପର୍କିତ ତଥ୍ୟାବଳୀ ଇତ୍ୟାଦି ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟଠାରୁ ଜାଣିବା ପାଇଁ ଆବେଦନ କରିଥିଲେ। ଏହି ଚର୍ଚ୍ଚିତ ମୃତ୍ୟୁ ପଛରେ କିଛି ରହସ୍ୟ ରହିଛି କି ନାହିଁ ତାହା ମଧ୍ୟ ସେ ଜାଣିବାକୁ ଚାହିଁଥିଲେ। ଏ ସମ୍ପର୍କିତ ଅନ୍ୟ ଏକ ମାମଲା ଉପରେ ଭାରତ ସରକାର ଦେଶର ସ୍ୱାର୍ଥଦୃଷ୍ଟିରୁ ତଥ୍ୟ ସାର୍ବଜନୀନ କରିହେବ ନାହିଁ ବୋଲି ଜବାବ ଦେଇଥିଲେ। ୨୦୧୧ରେ ସୂଚନା ଆୟୁକ୍ତ ଏହାର ଶୁଣାଣି କରିବା ସହ ୧୧ ପୃଷ୍ଠା ସମ୍ବଳିତ 'ମୃତ୍ୟୁ ନଥି' ସାର୍ବଜନୀନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗୋଟିଏ ନଥି ଉନ୍ମୋଚନ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନଥି ସେତେବେଳେ ବୈଦେଶିକ ମନ୍ତ୍ରଣାଳୟ ନିକଟରେ ରହିଥିବା କୁହାଯାଇଥିଲା। ତେବେ ନବଦୀପଙ୍କ ବର୍ତ୍ତମାନ ଆବେଦନକୁ ସ୍ୱରାଷ୍ଟ୍ର ବିଭାଗ ଜାତୀୟ ଅଭିଲେଖାଗାରକୁ ପଠାଇ ଦେଇଥିଲେ। ବର୍ତ୍ତମାନ ଶୁଣାଣି ବେଳେ ଅଭିଲେଖାଗାର କର୍ତ୍ତୃପକ୍ଷ ଜଣାଇଥିଲେ ଯେ, ଏସବୁ ନଥି ବୈଦେଶିକ ବିଭାଗ କିମ୍ବା ରୁଷିଆର ଭାରତୀୟ ଦୂତାବାସ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଉପଲବ୍ଧ। ଏ ସମ୍ପର୍କରେ ଅଧିକ କିଛି ପ୍ରମାଣସିଦ୍ଧ ତଥ୍ୟ ନାହିଁ। ତେବେ ଶ୍ରୀଧର ଏ ସମ୍ପର୍କରେ ଅନୁଧ୍ୟାନ କରିବା ସମୟରେ ଗଣମାଧ୍ୟମ ରିପୋର୍ଟରୁ ରାଜନାରାୟଣ କମିଟି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାଛଡ଼ା ରାଜ ନାରାୟଣ କମିଟିରେ ସାକ୍ଷୀ ଦେବା ପାଇଁ ଆସୁଥିବା ସମୟରେ ଦୁଇଜଣ ସାକ୍ଷୀ ଶାସ୍ତ୍ରୀଙ୍କ ବ୍ୟକ୍ତିଗତ ଚିକିତ୍ସକ ଆର.ଏନ୍. ଚୁଗ୍ (R.N. Chug) ଓ ବ୍ୟକ୍ତିଗତ ସହାୟକ ରାମନାଥଙ୍କର ସନ୍ଦେହଜନକ ଭାବେ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଓ ଏହି ଦୁର୍ଘଟଣାର ତଦନ୍ତ ହୋଇନଥିବା ନେଇ ପ୍ରକାଶିତ ଖବର ସଂଗ୍ରହ କରିଥିଲେ। ଏସବୁ ସମ୍ପର୍କିତ ତଥ୍ୟ ସଂସଦ ଭବନ ଲାଇବ୍ରେରୀରେ ନଥିବା ମଧ୍ୟ ଶ୍ରୀଧର ଜାଣିବାକୁ ପାଇଲେ। ଏହି ପରିପ୍ରେକ୍ଷୀରେ ସେ ଏବେ କମିଟି ରିପୋର୍ଟ ଓ ଏ ସମ୍ପର୍କିତ ନଥିସବୁ କେଉଁଠାରେ ରହିଛି ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଂସଦୀୟ ସଚିବଙ୍କୁ ମଧ୍ୟ ଏହାର ଅନୁସନ୍ଧାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ସରକାର ଏ ସମ୍ପର୍କରେ ସାନି ପ୍ରୟାସ କରିବାକୁ ଏବଂ ସମ୍ପୃକ୍ତ ୧୧ ପୃଷ୍ଠାର ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବାକୁ ସେ କ୍ୟାବିନେଟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ତଥ୍ୟ ଯଦି ପ୍ରକାଶଯୋଗ୍ୟ ନୁହେଁ ବୋଲି କର୍ତ୍ତୃପକ୍ଷ ଅନୁଭବ କରନ୍ତି ତେବେ ତାହାକୁ ମୁଦ ଦିଆଯାଇ ଲଫାପାରେ ତାଙ୍କ ନିକଟରେ ଉପସ୍ଥାପନ କରିବାକୁ ଶ୍ରୀଧର ଉଲ୍ଲେଖ କରିଥିଲେ।

ତେଣୁ ଏଠି ପ୍ରଶ୍ନ ଉଠୁଛି ଏଭଳି ରାଷ୍ଟ୍ରଭକ୍ତଙ୍କର ସାଧାରଣ ଜନତାଙ୍କ ଭଳି ସରକାର ମୂଲ୍ୟାୟନ କରୁନାହାଁନ୍ତି କି ? ଯିଏ ମରିଗଲା ସେ ତରିଗଲା ଭଳି ଆକ୍ଷେପ ମୁଁ ମୁର୍ଖାମୀ ଭାଷାରେ ଏ ଦେଶର ସରକାରଙ୍କୁ ପଚାରିବା ପାଇଁ ଚାହେଁ। ଦେଶ କହିଲେ ଏଭଳି ମହାନ ମହାପୁରୁଷଙ୍କୁ ବୁଝାଏ। ସରକାର କହିଲେ ଦେଶର ସେବକ। ଆପଣ ମଧ୍ୟ କହିଥେଲେ ଯେ ମୁଁ ଏ ଦେଶର ପ୍ରଧାନମନ୍ତ୍ରୀ ନୁହେଁ, ଦେଶର ସେବକ। ଏ ଦେଶର ଭଗବାନଙ୍କ ପରି ସଦୃଶ୍ୟ ଲାଲ ବାହାଦୂର ଶାସ୍ତ୍ରୀଙ୍କ ପାଇଁ ସରକାର ବିଶେଷ ଭାବରେ ଗୁରୁତ୍ୱ ଦେଇ ହୃଦୟଙ୍ଗମ କରିବା ସହିତ ଗଭୀର ଭାବେ ଯତ୍ନଶୀଳ ହେବା ଉଚିତ୍। ନଚେତ୍ ଗଣତନ୍ତ୍ରର ମୂଲ୍ୟାୟନରେ ମଳିନ ହେବା ସଙ୍ଗେ ସଙ୍ଗେ ଗଣନ୍ତ୍ରଣର ଇତିହାସ କେବେ କ୍ଷମା ଦେବନାହିଁ। ଆପଣ ମଧ୍ୟ ମୋର ଚିଠିକୁ ହେଜ୍ଞାନ ମନେ ନକରି ଏବଂ ଗୁରୁତ୍ୱର ସହିତ ବିଚାର କରି ଭାରତ ମାତାକୁ ସସମ୍ମାନ ଜଣାଇବା ପାଇଁ ମୁଁ ପୁଣିଥରେ ଆପଣଙ୍କୁ ନିବେଦନ କରି ଦେଶବାସୀ ଚାହିଁ ରହିଥିବା ଦୁଃଖଭରା ପ୍ରସଙ୍ଗଟିକୁ ସମାଧାନ କରିବା ହେବେ। **।। ଇତି ।। ଜୟ ଭାରତ ମାତା...। ଜୟ ଜବାନ, ଜୟ କିଶାନ, ଜୟ ବିଜ୍ଞାନ, ଜୟ ଅନୁସନ୍ଧାନ।**

**—ପ୍ରଦୀପ ସେନାପତି**

***(ଲେଖକ ଜଣେ କଠୋରପନ୍ଥୀ ଦେଶଭକ୍ତ ତଥା ରାଜ୍ୟ ସଭାପତି ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ଜାତୀୟସ୍ତରର ସାମ୍ବାଦିକ, ଇଣ୍ଡିଆନ ନିୟୁଜ ସାଇଟ, ଆନ୍ତର୍ଜାତିକ ସ୍ତମ୍ଭକାର) ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର,-୨, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ମୋ: ୭୮୪୮୮୯୮୪୫୬***

# କୁଆଁର ପୁନେଇଁ ଜହ୍ନ ଗୋ....

**—ଅକ୍ଷୟ କୁମାର ରାଉତ—**



**ପ୍ରା**ଚୀନ କାଳରୁ ଉତ୍କଳରେ ବହୁ ପର୍ବ ପର୍ବାଣୀ ପାଳିତ ହୋଇଆସୁଅଛି। କଥାରେ ଅଛି 'ବାରମାସରେ ତେର ପର୍ବ' ଅର୍ଥାତ୍ ବେଳକାଳ ନେଇ ସାଧାରଣତଃ ପର୍ବ ପାଳନ କରାଯାଏ। ଜନସାଧାରଣ ପ୍ରକୃତି, ଈଶ୍ୱର, ମଣିଷ ଜୀବନକୁ ନେଇ ଧାର୍ମିକ ଭାବନାରେ ବହୁ ପର୍ବପର୍ବାଣୀ ପାଳନ କରିଥାନ୍ତି। ଜଗନ୍ନାଥ ଉତ୍କଳର ଇଷ୍ଟଦେବ। ତାଙ୍କୁ ନେଇ କେତେ ପର୍ବ ପ୍ରଚଳିତ। ଆଉ କିଛି କୃଷି ଭିତ୍ତିକ ଭାଇଚାରାର ପର୍ବ ହୋଇଥାଏ। ଋତୁଚକ୍ର ଅନୁଯାୟୀ ଶରତ ଋତୁରେ କୁମାର ପୂର୍ଣ୍ଣିମା ବା କୋଜାଗର ପୂର୍ଣ୍ଣିମା ପାଳନ କରାଯାଏ। ଉତ୍କଳର ଗ୍ରାମେ ଗ୍ରାମେ ଏହି ପୂଜା ପାଳନ କରନ୍ତି। କୁମାରୀମାନେ ଚଉରା ମୂଳରେ ଜହ୍ନିଫୁଲରେ କୋଠି ତିଆରି କରନ୍ତି, ଚାଳକୁ ଜହ୍ନିଫୁଲ ସବୁ ଫୋପାଡ଼ନ୍ତି। ସେମାନେ କହନ୍ତି 'ଜହ୍ନି ଫୁଲ ଠୋ ଠା, ଗୁଣ୍ଡୁଚି ମୂଷା କହିଯାଇଛି ଚାଉଳ ଗଣ୍ଡେ ରଖିଥା'। ନବବସନ ପରିହିତା କୁମାରୀମାନଙ୍କର ନାଚଗୀତରେ ଉଚ୍ଛୁଳି ଉଠେ ଗାଁ ଦାଣ୍ଡ।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ କୁମାର ପୂର୍ଣ୍ଣିମା (ଶରତ ପୂର୍ଣ୍ଣିମା)ରେ ଷୋଳକଳା ସଂପନ୍ନ ଅତି ଉଜ୍ଜ୍ୱଳ ଓ ତେଜମୟ ଚନ୍ଦ୍ର ପୃଥିବୀର ସବୁଠାରୁ ନିକଟବର୍ତ୍ତୀ ହୋଇଥାନ୍ତି। ତେଣୁ ଶାରଦୀୟ ପୂର୍ଣ୍ଣଚନ୍ଦ୍ର ନିଜ କିରଣରେ ଅମୃତ ବର୍ଷା କରିଥାନ୍ତି। ଏହି ଜୀବନଦାୟୀ କୋଜାଗର (କୁମାର ପୂର୍ଣ୍ଣିମା)ରେ ଚନ୍ଦ୍ର, ସୂର୍ଯ୍ୟ, ବିଷ୍ଣୁ ଓ ଲକ୍ଷ୍ମୀ (ଗଜଲକ୍ଷ୍ମୀ) ଆଦି ଦେବାଦେବୀଙ୍କର ପୂଜା କରାଯାଇଥାଏ। ଏହି ଶରତ ପୂର୍ଣ୍ଣିମାରେ ଶ୍ରୀକୃଷ୍ଣ ଗୋପୀମାନଙ୍କର ଇଚ୍ଛାକୁ ପୂରଣ କରିବାପାଇଁ ଯମୁନା ନଦୀ କୂଳରେ 'ମହାରାସ' ରଚନା କରି ପ୍ରତ୍ୟେକ ଗୋପୀ ଓ ଶ୍ରୀରାଧାଙ୍କ



ପାଇଁ ଗୋଟିଏ ଗୋଟିଏ କୃଷ୍ଣ ରୂପେ ଅବତୀର୍ଣ୍ଣ ହୋଇ ରାସଲୀଳା କରିଥିଲେ। ବୃନ୍ଦାବନରେ ମଧ୍ୟ ଏହି ମହାରାସ ପାଳନ କରାଯାଏ କିନ୍ତୁ ଓଡ଼ିଶାରେ ମହାରାସ କାର୍ତ୍ତିକ ପୂର୍ଣ୍ଣିମାରେ ଅନୁଷ୍ଠିତ ହୁଏ। ଏହିଦିନ ମା' ଲକ୍ଷ୍ମୀଙ୍କର ଜନ୍ମତିଥି ହୋଇଥିବାରୁ ପୃଥିବୀ ଭ୍ରମଣ କରି ଭାବ ଭକ୍ତିରେ ଯେଉଁ ମନୁଷ୍ୟ ଜାଗ୍ରତ ଥାଏ ମା' ତାକୁ ଧନ, ସୁଖ ଓ ସମୃଦ୍ଧି ପ୍ରଦାନ କରିଥାନ୍ତି। ଏହି ରାତିରେ 'ଜାଗର' ପାଳିବାରୁ ଏହାକୁ 'କୋଜାଗର ପୂର୍ଣ୍ଣିମା' ମଧ୍ୟ କୁହାଯାଏ। ଏହିଦିନ ଚନ୍ଦ୍ର ଦେବଙ୍କୁ ଯେଉଁ କ୍ଷୀର ନୈବଦ୍ୟ ହୋଇଥାଏ ତାକୁ ଛାତ ଉପରେ ଖୋଲା ଆକାଶ ତଳେ ରଖି ତା' ପରଦିନ ସୂର୍ଯ୍ୟ ଉଦୟ ପୂର୍ବରୁ ଭୋଗ ରୂପେ ଲୋକମାନେ ପାଇଥାନ୍ତି।

ପୌରାଣିକ ବର୍ଣ୍ଣନା ଅନୁସାରେ ଏହି ପୂର୍ଣ୍ଣିମା ଦିନ 'କଟା' ନାମକ ଜଣେ ରାକ୍ଷସ ଅତି ମୂଲ୍ୟବାନ ଶକ୍ରାଜିତ ମଣି ଶ୍ରୀକୃଷ୍ଣଙ୍କ ପାଟରାଣୀ ସତ୍ୟଭାମାଙ୍କ ଠାରୁ ଚୋରୀ କରି ସେଠାରୁ ପଳାୟନ କରିବା ସମୟରେ ଗରୁଡ଼ଙ୍କ ଦ୍ୱାରା ଯେତେଥର ନିହତ ହେଲେ ମଧ୍ୟ ତା'ର ମୃତ୍ୟୁ ହେଲାନାହିଁ। କୁମାର ପୂର୍ଣ୍ଣିମାରେ ଚନ୍ଦ୍ରଙ୍କର ଅମୃତ ଦୃଷ୍ଟି ଯୋଗୁଁ ଏହି ରାକ୍ଷସ ବଞ୍ଚି ଯାଉଥିଲା। ତେଣୁ ଜୀବ ଜଗତ ଏହିଦିନ ରାତ୍ରି ଉଜାଗର ରହି ଚନ୍ଦ୍ରଙ୍କର ଅମୃତ ଉଜ୍ଜ୍ୱଳ କିରଣ ଉପଭୋଗ କରିବା ଉଚିତ। କୁମାରୀ ମାନେ ଏହିଦିନ ନୂତନ ବସ୍ତ୍ର ପରିଧାନ କରି ପ୍ରଭାତ ସମୟରେ ସୂର୍ଯ୍ୟ ପୂଜା କରନ୍ତି। ସଂଧ୍ୟା ସମୟରେ ଚନ୍ଦ୍ରଙ୍କୁ ପୂଜା କରାଯାଇଥାଏ। ଆକାଶରେ ଉଭୟ ଚନ୍ଦ୍ର ଓ ସୂର୍ଯ୍ୟ ଥିବା ସମୟରେ ଉକ୍ତ ପୂଜା କରାଯାଏ। ସଂଧ୍ୟା ସମୟରେ ବିଭିନ୍ନ ଢଙ୍ଗରେ 'ଫୁଲ ବଉଳବେଣୀ' ଗୀତ ପରିବେଷଣ କରିଥାନ୍ତି। ***"କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ/କୃଷ୍ଣ ଯେତେବେଳେ ଜନମ ହୋଇଥିଲେ/କୁଆଁ କୁଆଁ ରାବ ଦେଇ ଗୋ ଫୁଲ ବଉଳବେଣୀ। ଯଶୋଦା ଦୁଃଖ ଶଙ୍ଖାଳୀ ଗୋ ଫୁଲ ବଉଳବେଣୀ/କେତେ କଉତୁକ ଗୋପକଟକରେ/କରୁଛନ୍ତି ବନମାଳୀ ଗୋ ଫୁଲ ବଉଳବେଣୀ।"***

କୁମାରୀ କନ୍ୟାମାନେ କୁମାର ପୂର୍ଣ୍ଣିମାରେ ଶିବ ପୁତ୍ର କାର୍ତ୍ତିକଙ୍କ ପରି ସୁନ୍ଦର ବରଟିଏ ପାଇବାପାଇଁ ମାସ ସାରା କରିଥିବା ଜହ୍ନିଓଷା କୁମାର ପୂର୍ଣ୍ଣିମା ଦିନ ସମାପନ କରିଥାନ୍ତି। କୁମାରୀ କନ୍ୟାମାନେ ବିଭିନ୍ନ ଖେଳ କଉତୁକ ମିଳିମିଶି କରିଥାନ୍ତି। ଏହି ଅବସରରେ ପୁଚିଖେଳ ପ୍ରତିଯୋଗିତା ହୁଏ। ପୁଚିଖେଳରେ ପୁଚି ଗୀତ ବୋଲାଯାଏ- ***"ଠିଆ ପୁଚି ନାରଙ୍ଗ/ଗୋଡ଼ ଦି'ଟା ସାରଙ୍ଗ/ସାରଙ୍ଗ ବାଡ଼ିକୁ ଯାଇଥିଲି/ଶାଗ କେରି କେରି ଆଣିଥିଲି। ଅଧେ କରିଥିଲି ଭଜା/ଅଧେ କରିଥିଲି ଚୁଡ଼ଚୁଡ଼ା/କେମିତି ଲାଗିଲା ମଜା/ଆଲୋ କେମିତି ଲାଗିଲା ମଜା।"***

ନୈତିକ ମୂଲ୍ୟବୋଧ, ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ହେଉଛି ପର୍ବ ପର୍ବାଣୀର ମୁଖ୍ୟ ଉଦ୍ଦେଶ୍ୟ।

***-ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ପିନ୍-୭୫୪୧୪୧, ମୋ।-୯୯୩୭୬୯୧୪୭୫***

# ମୁଗୁପୁର ସମାଚାର ୧୧ତମ ସ୍ୱନକ୍ଷତ୍ର ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ମାସିକ ଖବର କାଗଜ ମୁଗୁପୁର ସମାଚାରର ୧୧ତମ ସ୍ୱନକ୍ଷତ୍ର ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହେବା ସହ ଖବର କାଗଜ ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ଭବାନୀ ଶଙ୍କର ମହାପାତ୍ର, ବରେଣ୍ୟ ଅତିଥି ଭାବେ ସ୍ତମ୍ଭକାର ବୃହସ୍ପତି ସାମଲ ଓ ଜନସେବକ ଫାଉଣ୍ଡେସନର ସଭାପତି ସୁରେନ୍ଦ୍ର କୁମାର ସାହୁ ଯୋଗଦେଇ ଗ୍ରାମାଂଚଳରେ ଆଂଚଳିକ ସମ୍ବାଦପତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିବା ସହିତ ସାମ୍ବାଦିକତାର ପଥ କଂଟକିତ ହେଲେ ମଧ୍ୟ ସତ୍ୟ, ନିର୍ଭିକ ଦୃଢ଼ ନିଶ୍ଚୟ, ଗଭୀର ଆତ୍ମବିଶ୍ୱାସ ଓ ଅଧ୍ୟୟନ ଦ୍ୱାରା ଜଣେ ସଫଳ ସାମ୍ବାଦିକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। "ରାଜନୀତିଯୁକ୍ତ ସାମ୍ବାଦିକତା ଗଣତନ୍ତ୍ର ପାଇଁ ଶୁଭଙ୍କର କି ?" ଶୀର୍ଷକ ଆଲୋଚନାଚକ୍ରରେ ମତବ୍ୟକ୍ତ କରି ମୁଖ୍ୟବକ୍ତା ଶ୍ରୀଯୁକ୍ତ ଶତପଥୀ କହିଥିଲେ ଯେ, ଏହା ଶୁଭଙ୍କର ଅଟେ। ରାଜନୀତି କ୍ଷେତ୍ରରେ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିତ୍ୱ ଯଦି ଗଣମାଧ୍ୟମକୁ ଆସନ୍ତି ତେବେ ସରକାରଙ୍କ ନୀତି ଓ ଆଇନକୁ ସଠିକ୍ ଭାବେ ଲୋକଲୋଚନକୁ ଆଣିପାରିବେ। ସଂପାଦକ ମଦନ ମୋହନ ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରି ମତବ୍ୟକ୍ତ କରିଥିଲେ ଯେ, ଅଧୁନା ସମୟରେ ଖବରକାଗଜଟିଏ ଚଳାଇବା ବହୁକଷ୍ଟକର। ମାତ୍ର ଦୃଢ଼ ନିଶ୍ଚୟ ଓ ମା' ମାଟି, ମାତୃଭାଷା ପାଇଁ ସମର୍ପିତ ଭାବେ କାର୍ଯ୍ୟଧାରା ଅବିରତ ବଜାୟ ରଖିଲେ ସବୁ ସମ୍ଭବ ହୋଇପାରିବ। ଏହି ଅବସରରେ ବିଭିନ୍ନ ସାରସ୍ୱତ କ୍ଷେତ୍ରରେ ପ୍ରତିଭାଧାରୀ ବ୍ୟକ୍ତିତ୍ୱକୁ ସମ୍ମାନିତ କରାଯାଇଥିଲା। ପ୍ରମୁଖ ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଶିଶୁ ସାହିତ୍ୟିକା ମନିଷା ରାୟ, ସାମ୍ବାଦିକ ସୌଭାଗ୍ୟ ରଂଜନ ମହାନ୍ତି, ସମାଜସେବୀ ନାରାୟଣ ଓଝା, ପରିବେଶବିତ୍ ଖିରୋଦ କୁମାର ସାହୁ, ଦିବ୍ୟାଙ୍ଗ ସମାଜସେବିକା ନମ୍ରତା ବେହେରା, ଶିଭମ୍ ଶିକ୍ଷାନୁଷ୍ଠାନ, ମା' ତାରିଣୀ ସେବାସଂଘ, ସପୋର୍ଟିଭ୍ ହ୍ୟାଣ୍ଡସ୍, ବରିଷ୍ଠ କବି ପୂର୍ଣ୍ଣଚନ୍ଦ୍ର ସୁନାନୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜିକା ଅନିତା ତରାଇ ସଂଯୋଜନା କରିଥିବାବେଳେ ସହାୟତା କରିଥିଲେ ଜନସେବକ ଫାଉଣ୍ଡେସନର କର୍ମକର୍ତ୍ତା ଓ ଶିଭମ୍ ଚାରିଟେବଲ୍ ଟ୍ରଷ୍ଟର ସଦସ୍ୟସଦସ୍ୟାମାନେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହ-ସଂପାଦକ ଅରବିନ୍ଦ ତ୍ରିପାଠୀ।

# ଅବସରପ୍ରାପ୍ତ ବ୍ୟାଙ୍କ୍ ଅଧିକାରୀଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ କୁମାରୀ ଗାଁରେ ରହୁଥିବା ପଂଜାବ ନେସ୍‌ନାଲ ବ୍ୟାଙ୍କର ଅବସରପ୍ରାପ୍ତ ପରିଚାଳକ ଅଜୟ କୁମାର ସାହୁ (୬୬)ଙ୍କର ଗତ ୩ ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତ ସୋମବାର ଦିନ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ମଂଜୁଳତା, ପୁଅ ଅମରେଶ, ଝିଅ ରଶ୍ମିତାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତଃ ସାହୁ ଶାକାହାରୀ ରଙ୍ଗଣୀ ସମାଜ, ଯାଜପୁର ଶାଖାର ସଭାପତି ଓ ଠାକୁର ଅନୁକୂଳଚନ୍ଦ୍ରଙ୍କ ଭକ୍ତ ଥିଲେ। ମରଶରୀର ଜନ୍ମସ୍ଥାନ କୁଣ୍ଡପାଟଣା ଗାଁରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବର ପାଇ ଆୟକର ବିଭାଗ ନିରୀକ୍ଷକ ଗୋପାଳ ଚନ୍ଦ୍ର ପୃଷ୍ଟି, ଅବସରପ୍ରାପ୍ତ ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ, ନାରାୟଣ ଚନ୍ଦ୍ର ସାମଲ, ରାକେଶ ସାହୁ, ରମେଶ ଚନ୍ଦ୍ର ଜେନା, ରାଜେଶ ସାହୁ, ଦେବେନ୍ଦ୍ର ଜେନା, କୁଳମଣି ସାମଲ, ଅଜୟ କୁମାର ନାଥ, ଶୁଚିସ୍ମିତା ସାହୁ, ସୁନୟନ ସାହୁ, ଦେବସ୍ମିତା ସାହୁଙ୍କ ସମେତ ବହୁ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ଏକମାତ୍ର ପୁଅ ଶିକ୍ଷକ ଅମରେଶ ସାହୁ ମୁଖାଗ୍ନି ଦେଇଥିଲେ।

# ଓଡ଼ିଆ ଭାଷା ସାହିତ୍ୟର ଅଗ୍ରଣୀ ସାରଥୀ ଥିଲେ କବିବର ରାଧାନାଥ ରାୟ



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଆମ ଭୁବନେଶ୍ୱର, ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, କାବ୍ୟ ତଥା ମହାନ୍ ସ୍ୱାଧୀନତା ସଂଗ୍ରାମୀ କବିବର ରାଧାନାଥ ରାୟଙ୍କ ୧୭୫ତମ ଜୟନ୍ତୀ ସ୍ଥାନୀୟ ମୁଖ୍ୟ ଡାକପାଳ ସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ବରିଷ୍ଠ ସାମ୍ବାଦିକ ତଥା ଅଧକ୍ଷ ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ସ୍ୱର୍ଗତ ରାୟଙ୍କୁ ଓଡ଼ିଆ ଭାଷା, ସାହିତ୍ୟ, କାବ୍ୟ ରଚନା ତଥା ମା' ମାଟି, ମାତୃଭାଷା ନିମିତ୍ତ ସମର୍ପିତ ଭାବରେ କାର୍ଯ୍ୟ କରିଆସୁଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ତାଙ୍କ କାଳଜୟୀ କାବ୍ୟ "ଚିଲିକା"ର ପ୍ରାସଙ୍ଗିକତା ଆଜି ମଧ୍ୟ ପାଠ୍ୟପୁସ୍ତକରେ ସ୍ଥାନ ପାଇ ଘରେଘରେ ଆଦୃତ ହୋଇପାରିବା ସହିତ ସମାଜରେ ସାହିତ୍ୟ ମାଧ୍ୟମରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିଲେ। ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ପ୍ରଗାଢ଼ ଜ୍ଞାନ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପରେ ତାଙ୍କର ରଚନା ବେଶ୍ ମନୋମୁଗ୍ଧକର ହୋଇପାରିଥିଲା। ଏହି ଅବସରରେ ପୂଜ୍ୟପୂଜା ପ୍ରାଣ ଗିରିଜା ଶଙ୍କର ମହାପାତ୍ରଙ୍କୁ କବିବର ରାଧାନାଥ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସରକାରଙ୍କ ଅନୁସଚିବ ଲକ୍ଷ୍ମୀଧର ବେହେରା, ସଂଯୋଜକ ନାରାୟଣ ଓଝା, ବିଜୟ ପରିଡ଼ା, ନରେନ ସାହୁ, ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟ, ତନ୍ମୟ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ଧର୍ମଶାଳାର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ଭସାଣି



ଧର୍ମଶାଳା (ପିଏନ୍): ଧର୍ମଶାଳାର ବିଭିନ୍ନ ସ୍ଥାନରେ ମା' ଦୁର୍ଗାଙ୍କ ଭସାଣି ଯାତ୍ରା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ୨ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ମା'ଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା। ଏଥିଲାଗି ସହରଠାରୁ ପଲ୍ଲୀ ଯାଏଁ ଉତ୍ସବର ମାହୋଲ। ଏହି ଅବସରରେ ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତୀ ପୂଜା ପାଉଥିଲା। ମାଆଙ୍କର ଅଷ୍ଟମୀ ପୂଜାରେ ମଣ୍ଡପଗୁଡିକରେ ମହିଳା ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ବେଦପାଠ ଓ ସଂକୀର୍ତନରେ ଉଚ୍ଛୁଳି ପଡୁଥିଲା ସାରା ଅଂଚଳ। ଭକ୍ତମାନେ ଶୃଙ୍ଖଳିତ ଭାବେ ମାଆଙ୍କୁ ଦର୍ଶନ କରିବା ସହିତ ଭୋଗ ଓ ଦୀପ ଲଗାଇ ନିଜର ମନୋସ୍କାମନା ଜଣାଇଥିଲେ। ବିଶେଷ କରି ଧର୍ମଶାଳା ମହୋତ୍ସବ କମିଟି ଜାରକା, ଧର୍ମଶାଳା ପୂଜା କମିଟି ଧର୍ମଶାଳା ଓ ସାରୋଇ ପୂଜା କମିଟି ସାରୋଇ, କାଏମା, ମିର୍ଜାପୁର, ନାକପୋଲ ଆଦି ଅଂଚଳରେ ମାଆଙ୍କ ମଣ୍ଡପକୁ ରଙ୍ଗୀନ ଆଲୋକମାଳା ଓ ତୋରଣରେ ସୁସଜ୍ଜିତ କରାଯାଇଥିଲା। ଭକ୍ତମାନଙ୍କ ଭିଡକୁ ଦେଖି ବିଭିନ୍ନ ପୂଜା କମିଟି ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।




# କୁମାର ପୂର୍ଣ୍ଣିମା

ଶରତର ଶେଷ ସହିତ ହେମନ୍ତର ମୃଦୁ ଉଲ୍ଲାସ। ନଈ ପଠାରେ କାସଦଣ୍ଡୀର ହସ। ଶସ୍ୟ ସବୁଜିମାରେ ପରିପୂର୍ଣ୍ଣ ଧରିତ୍ରୀ। ଧରାପୃଷ୍ଠରୁ ବର୍ଷା ଋତୁ ବିଦାୟ ନେଇସାରିଥାଏ। ଦୁର୍ଗତିନାସିନୀ ଜଗତ୍‌ଜନନୀ ଦେବୀ ଦୁର୍ଗାଙ୍କର ମେଲାଣୀ ସରିଥାଏ। କେଉଁଠି କେମିତି ପାଚିଲା ଧାନ କିଆରିରେ ସୁନେଲିର ଆଡ଼ମ୍ବର। ନିର୍ମଳ ଆକାଶ, ନଦୀ ଓ ପୁଷ୍କରିଣୀରେ ଜଳରାଶି ଅନାବିଳ। ସତେ ଯେପରି ସର୍ବସଂହା ଧରିତ୍ରୀ ନିଜ ସୁନେଲି ସବୁଜରେ ଚିରହରିତ୍ ହସରେ ସ୍ୱାଗତ କରୁଛି କୁମାରୀମାନଙ୍କ ପ୍ରତିକ୍ଷିତ ପାର୍ବଣ କୁମାର ପୂର୍ଣ୍ଣିମା। ଏହିପରି ସମୟରେ ଗଜପୃଷ୍ଠରେ ଆବିର୍ଭାବ ହୁଅନ୍ତି ମା' ଲକ୍ଷ୍ମୀ। କୁମାର ପୂର୍ଣ୍ଣମା ଆଶ୍ୱିନ ମାସ ପୂର୍ଣ୍ଣମୀ ତିଥିରେ ପାଳିତ ହୋଇଥାଏ। ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ସଂପଦର ମୂର୍ତ୍ତିମନ୍ତ ଅଭିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲକ୍ଷ୍ମୀ। ଦେବୀ ଲକ୍ଷ୍ମୀଙ୍କୁ ଅଗଣିତ ଭକ୍ତ ପ୍ରାର୍ଥନା କରି ବୋଲନ୍ତି-




*''ନିଶୀଥେ ବରଦା ଲକ୍ଷ୍ମୀଃ କୋ ଜାଗର୍ତ୍ତୀତି ଭାଷିନୀ, ତସ୍ମୈ ବିତଂ ପ୍ରୟଚ୍ଛାମିସ୍ମିଃ ଅକ୍ଷୋଡ଼ାଂ କରୋତି ଯଃ।''*

ଓଡ଼ିଆ ଚିନ୍ତା ଓ ଚେତନାରେ କୁମାର ପୂର୍ଣ୍ଣିମା କେବଳ କୁମାରୀ ନୁହେଁ ସମଗ୍ର ମାତୃସମାଜ ପାଇଁ ଏକ ସ୍ମରଣୀୟ ଦିବସ। ଏହି ଦିନରେ ଚନ୍ଦ୍ର ଓ କାର୍ତ୍ତିକଙ୍କର ପୂଜା ଆରାଧନା କରାଯାଇଥାଏ। ଓଡ଼ିଶାର କିଛି ଜିଲ୍ଲାମାନଙ୍କରେ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦ୍ର ପୂର୍ଣ୍ଣିମାଠାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ କୁମାରୀ କନ୍ୟାମାନେ ଏକାଠି ହୋଇ ଜହ୍ନି ଓଷା ପାଳନ କରନ୍ତି।



ତୁଳସୀ ଚଉରା ମୂଳରେ ଭକ୍ତିପୂତ ହୃଦୟରେ କଳସ ସ୍ଥାପନା କରି ଶ୍ରଦ୍ଧା ସୁମନ ଅର୍ପଣ କରନ୍ତି। ଯାହାର ଉଦ୍‌ଯାପନ ହୁଏ କୁମାର ପୂର୍ଣ୍ଣିମାରେ। କୁମାର ପୂର୍ଣ୍ଣମୀ ରାତ୍ରିରେ ଚୁଡ଼ା ଓ ନଡ଼ିଆରେ ଶ୍ରୀଲକ୍ଷ୍ମୀଙ୍କର ଅର୍ଚ୍ଚନା କରାଯାଇଥାଏ। କୁମାର ବ୍ରତରେ ବର୍ଣ୍ଣିତ ହୋଇଛି-*''ନାରିକେଳେଣ୍ଟି ପିଟକୈଃ ପିତମ୍ ଦେବାନ୍ ସମର୍ଚ୍ଚୟେତ୍, ବନ୍ଧୁଂଶ୍ଚ ପ୍ରୀନଞ୍ଜେନ ସ୍ୱୟଂ ତଦଶନୋ ଭବେତ୍।''* ଏହି କୁମାର ପୂର୍ଣ୍ଣିମାରେ ଓଡ଼ିଶାର ପ୍ରାଚୀନ କ୍ରୀଡ଼ା ପୁଚିଖେଳର ଆୟୋଜନ ହୋଇଥାଏ। କେବଳ କୁମାରୀ କନ୍ୟାମାନେ ନୁହେଁ ବିବାହିତାମାନେ ମଧ୍ୟ ଏଥିରେ ସାମିଲ ହୋଇଥାନ୍ତି। ପୁଚି ଖେଳର ପରିବେଶକୁ ମଧୁରମୟ କରିଥାଏ ବୟସ୍କା ସ୍ତ୍ରୀ ଲୋକମାନଙ୍କର ପୁଚି ଖେଳର ପ୍ରାଚୀନତମ ଗୀତ ''କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳ ବେଣୀ, କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ ପୁଚି ଖେଳିବାକୁ ମନଗୋ, ଫୁଲ ବଉଳ ବେଣୀ।'' ସଞ୍ଜ ଗଡ଼ିଲେ ଆକାଶରୁ ମାଟିଯାଏ ବିଚ୍ଛୁଡ଼ି ହୋଇଯାଏ ସଫେଦ୍ ଜହ୍ନର ଜ୍ୟୋସ୍ନା। ଅନୁଢ଼ା କୁଆଁରୀର ମନ ଉଚ୍ଛାଟ ହୋଇଉଠେ ବିତାଇ ଦେବାକୁ ସ୍ମୃତିର ସେ ରାତି। ଶିଶିରର ଝିନ ଆସ୍ତରଣରେ ଚନ୍ଦ୍ରଜ୍ୟୋସ୍ନା ପ୍ରତିଫଳିତ ହୋଇ, ସୃଷ୍ଟି କରେ ବେଶ୍ ମନୋରମ ଦୃଶ୍ୟ। ପୁରାଣର କାହାଣୀ ଅନୁଯାୟୀ ଏହି ଦିନରେ ସୁନ୍ଦର, ଚରିତ୍ରବାନ ଓ ଆଦର୍ଶପୂର୍ଣ୍ଣ ପତିଟିଏ ପାଇବାର ଅୟୁତ ଆଶା ନେଇ କୁମାରୀମାନେ ଏହି ଦିନଟିକୁ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଥାନ୍ତି। ଶଙ୍ଖ ହୁଳୁହୁଳି, ଘଣ୍ଟଘଣ୍ଟା ନାଦରେ ଉଚ୍ଛୁଳି ଉଠେ ସାରା ଗାଁ ଦାଣ୍ଡ। ମାନସପଟରେ ଆଙ୍କୁଥାଏ ଝିଅଟି ସୌମ୍ୟ, ଶାନ୍ତ, ସୁକୁମାର ଚନ୍ଦ୍ରପରି ପତିଟିଏ।

କୁଆଁର ପୂନେଇଁ ପୂର୍ବରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କୁଆଁରୀ ଝିଅମାନେ ପାଳନ କରନ୍ତି ଜହ୍ନି ଓଷା। ମାଟିଘର ସ୍ଥାପନା କରି ଜହ୍ନିଫୁଲରେ ତୁଳସୀ ଚଉରା ମୂଳରେ ସଜିତ କରି ପଞ୍ଚବର୍ଣ୍ଣ ମୂରୁଜରେ ପରିବେଶକୁ କରନ୍ତି ଋଦ୍ଧିମନ୍ତ। ଜହ୍ନକୁ ନେଇ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବେଶ୍ ଋଦ୍ଧିମନ୍ତ। ଗାଁ ପରମ୍ପରାରେ ଆଇମା ଓ ଜେଜି ମା' ମାନେ ନାତୁଣୀଙ୍କୁ ଶ୍ରଦ୍ଧାରେ 'ମୋ ପୁନେଇଁ ଚାନ୍ଦ' 'ଚାନ୍ଦ ମୁହିଁ' ସମ୍ବୋଧନ କରିଥାନ୍ତି। ଧୋବଫରଫର ଜହ୍ନର ଜ୍ୟୋସ୍ନା ଚତୁର୍ଦିଗ ବିଛାଡ଼ି ହୋଇପଡ଼ିଲେ କୁମାରୀ ମାନଙ୍କ ମନ ଭିତରେ ଅଜଣା ଆବେଗ ମର୍ମରିତ ହୁଏ। ଜହ୍ନରାତି ହିଁ ସ୍ମୃତିର ଅରୁନ୍ଧତୀ। ଜ୍ୟୋସ୍ନା ବିଧୌତ ରଜନୀରେ ଗାଁ ଖଳାବାଡ଼ି ଦାଣ୍ଡର ଦୃଶ୍ୟ, ଆଉ ଆଇ ମା' କୋଳରୁ ଜହ୍ନ ମାମୁଁ ଗୀତ-ପିଲାଦିନର ସେଇ ଅବିସ୍ମରଣୀୟ ମୂହୂର୍ତ୍ତସବୁ ଏବେ ହଜିଯାଇଛି ସତ, ହେଲେ ଜହ୍ନ ପ୍ରତି ଥିବା ବ୍ୟାକୁଳତା ଜୀବନାନୁଭୂତିରେ ଋଦ୍ଧିମନ୍ତ ହୋଇ ରହିଛି। ଓଡ଼ିଆର ଆଧ୍ୟାତ୍ମିକ ଚିନ୍ତା ଚେତନାରେ ଏହି ଦିନଠାରୁ ଘରେ ଘରେ ପାଳିତ ହୁଏ ଗଜଲକ୍ଷ୍ମୀ ପୂଜା। ପରିବାରର ସୁଖ, ସୌଭାଗ୍ୟ, ଯଶ, ଧନ ଓ ପୌରୁଷ କାମନା କରି ଭକ୍ତିପୂତ ପରିବେଶରେ ମା'ଲକ୍ଷ୍ମୀ ଦେବୀଙ୍କ ଲକ୍ଷ୍ମୀବ୍ରତ ମଧ୍ୟ ଅନୁଷ୍ଠିତ ହୋଇଥାଏ।

**କୃଷ୍ଣପ୍ରିୟା ତ୍ରିପାଠୀ**, କିରଣ ପାରିଜାତ ଏନକ୍ଲେଭ, କ୍ୟାଣ୍ଟେନମେଣ୍ଟ ରୋଡ୍, କଟକ, E-mail : tripathy190krushnapriya@gmail.com

# ଆମ ପରିବେଶ ଓ ଆମ ଜୀବନ






ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି। ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି। ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ।

ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ : ଜୈବିକ ପରିବେଶ ଓ ଅଜୈବିକ ପରିବେଶ। ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ। ଯଥା: ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି। ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି।

ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି। ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି । ଏହା ବାଦେ ଆଉ ଦୁଇଟି ପରିବେଶ ଅଛି : ପ୍ରାକୃତିକ ଓ କୃତ୍ରିମ ପରିବେଶ। ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ। କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ। ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ। ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି।

ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ। ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଗ ସନ୍ତୁଳିତ ଅବସ୍ଥାରେ ବଂଚିଛେ। ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ।

ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି। ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ।

ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍'। ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏଡାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁ ରୋଗର କାରଣ।

ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି। ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି। ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୃଷ୍ଟ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି। ଏକଥା ସତ୍ୟ ଯେ ମାଟିବିନା ଜୀବନ ବିପର୍ଯ୍ୟସ୍ତ । ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଯ୍ୟବସ୍ତୁ ଯଥା - ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦ୍ୟୁଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି।

ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି। ଏମାନେ ସମସ୍ତେ ୧୨୦ ଡେସିବଲ ଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି। ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ। ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ।

ଏବେ ବଳାଏ ମହାକାଶ ପ୍ରଦୂଷଣ। ପୃଥିବୀ ପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ। ଏହା ପରେ ମହାକାଶ। ଏହା ବାୟୁରହିତ। ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ। ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି।

ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଂଚିବା ତ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ। ଏବେ ଏହା ୧୦ ଶହ କୋଟି। ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ।

ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ।

ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮

## ସମାଜସେବୀ ପ୍ରସନ୍ନ ସାମନ୍ତସିଂହାରଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଲେନ୍ ନଂ. ୨ର ଇଂ. ପ୍ରସନ୍ନ କୁମାର ସାମନ୍ତସିଂହାରଙ୍କର ଗତ "ମହାବିଦ୍ୟାଳୟ ଅମାବାସ୍ୟା ପୂଣ୍ୟତିଥିରେ ପରଲୋକ ହୋଇଥିଲା। ଗତକାଲି ତାଙ୍କର ଦ୍ୱାଦଶାହ ତିଥିରେ ଏକ ସ୍ମୃତିସଭା ଅଂଜୁଶ୍ରୀ କଲ୍ୟାଣ ମଣ୍ଡପ ପରିସରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ସ୍ମୃତିଚାରଣ କରାଯାଇଥିଲା। ମୂଳଗ୍ରାମ କୁହୁଡ଼ିରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ସାମନ୍ତସିଂହାର ଚାକିରୀ କାଳରେ ଜଣେ ଦକ୍ଷ ଇଂଜିନିୟର ଭାବେ ସୁନାମ ଅର୍ଜନ କରିଥିଲେ। ଅବସର ପରେ କଳିଙ୍ଗ ପାଇକ ସଙ୍ଗଠନର ଉପଦେଷ୍ଟା ପୃଷ୍ଠପୋଷକ ତଥା ଜଣେ ସମାଜସେବୀ ରୂପେ ପରିଚିତ ଥିଲେ। ସେ କୁଂଜ ବିହାରୀ ମନ୍ଦିର କମିଟିର ସଦସ୍ୟଥିଲେ। କଳିଙ୍ଗ ପାଇକ ସଂଗଠନର ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ଅତିଥିମାନଙ୍କର ପରିଚୟ ଦେଇଥିଲେ।ନାଚୁଣୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବର୍ଷିଆନ ଶିକ୍ଷକନେତା ପ୍ରଫୁଲ୍ଲ କୁମାର ସାମନ୍ତସିଂହାର ଗଡ଼ମାଣତୀର ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ କିଶୋର ଜେନା, ଐତିହାସିକ ସତ୍ୟବାଦୀ ବଳିଆରସିଂହ, କଳିଙ୍ଗ ପାଇକ ସଂଗଠନର ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ ଓ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ମଂଚାସୀନ ଥାଇ ସେ ଜଣେ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ ମତ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବୈଦ୍ୟନାଥ ବରାଳ, ବିକ୍ରମ ଚମ୍ପତି, ଧରଣୀଧର ଛୋଟରାୟ, ଅନନ୍ତ ମଙ୍ଗରାଜ, ବିଶ୍ୱନାଥ ଜେନା, ସବିତା ଦେବୀ, ପତ୍ନୀ ପୂର୍ଣ୍ଣଲକ୍ଷ୍ମୀ ସାମନ୍ତସିଂହାର, କିଶୋର ଚନ୍ଦ୍ର ପରମଗୁରୁ, ଦୟାନିଧି ରାଉତରାୟ, ଅନସୂୟା ସାମନ୍ତରାୟ, ଅଟଳ ସାମନ୍ତ, ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ତାଙ୍କର ବହୁମୁଖୀ ଗୁଣାବଳୀ ବର୍ଣ୍ଣନା କରିଥିଲେ। ବିଦ୍ୟାଧର ରାଉତରାୟ ଧନ୍ୟବାଦ ଦେଇଥିଲେ। ପୁତ୍ର ପ୍ରିୟଦର୍ଶୀ ସାମନ୍ତସିଂହାର, ପ୍ରଦୀପ ସାମନ୍ତସିଂହାର ଓ ପ୍ରଶାନ୍ତ ସାମନ୍ତସିଂହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟୁଟି ପାର୍ଲର ଭିତରେ ସ୍ତ୍ରୀକୁ ହାଣିଲା ସ୍ୱାମୀ

ବାଲେଶ୍ୱର (ପିଏନ୍)-ପାରିବାରିକ ସମସ୍ୟାକୁ ନେଇ କରୁଣ ପରିଣତି। ସ୍ତ୍ରୀକୁ କଟୁରୀରେ ହାଣି ଥାନାରେ ଆତ୍ମସମର୍ପଣ କଲା ସ୍ୱାମୀ। ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି ହେଲା ସ୍ତ୍ରୀ। ସୂଚନା ଅନୁଯାୟୀ ବାଲିଆପାଳ ଥାନା ହାସିମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ ସିଂଲା ଥାନା ଅନ୍ତର୍ଗତ ନହଞ୍ଜରା ଗ୍ରାମର ଜୟନ୍ତୀ ପ୍ରଧାନଙ୍କୁ ୯ ବର୍ଷ ପୂର୍ବେ ବିବାହ କରିଥିଲେ। ବିବାହ ପରଠାରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହାକୁ ନେଇ ସ୍ତ୍ରୀ ଜୟନ୍ତୀ ସ୍ୱାମୀଙ୍କ ପାଖରେ ନ ରହି ବାପଘରେ ରହୁଥିଲା ଏବଂ ସିଂଲା ଥାନା ସମ୍ମୁଖରେ କ୍ରୀଷ୍ଟା ନାମକ ଏକ ବିୟୁଟି ପାର୍ଲର ଖୋଲିଥିଲା। ଏହି ଘଟଣାକୁ ନେଇ ପୂର୍ବରୁ ଉଭୟ ବାଲିଆପାଳ ଏବଂ ସିଂଲା ଥାନାରେ ପୃଥକ ମାମଲା ରହିଛି। ଗତକାଲି ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଏକ କଟୁରୀ ଧରି ବିୟୁଟି ପାର୍ଲର ଭିତରେ ପଶି ଆକ୍ରମଣ କରିଥିଲେ। ପରେ କଟୁରୀ ସହିତ ସିଂଲା ଥାନାରେ ଆତ୍ମସମର୍ପଣ କରିଥିଲା ଅଭିଯୁକ୍ତ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଜୟନ୍ତୀକୁ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୁଲିସ ଘଟଣାର ଅଧିକ ତଦନ୍ତ କରୁଥିବା ବେଳେ ତେବେ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ସବୁ ସମୟରେ ମଦ୍ୟପାନ କରି ଜୟନ୍ତୀକୁ ମାରଧାର କରୁଥିବାରୁ ଏହି ବିବାଦ ଉଗ୍ର ରୂପ ଧାରଣ କରିଥିଲା ବୋଲି ସ୍ଥାନୀୟ ସରପଞ୍ଚ ପ୍ରକାଶ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com







ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

# ମାଛ ଗଢିଦେଲା ସମ୍ପର୍କର ସେତୁ

ଡ. ଗଣେଶ ଚନ୍ଦ୍ର କୁଣ୍ଡ

ପ୍ରେମ ହେଉଛି ଚିରନ୍ତନ ସତ୍ୟ, ଶାଶ୍ୱତ, ପବିତ୍ର, ସ୍ନେହ ଓ ସଂଯୋଗ । ଦୁଇଜଣଙ୍କ ମଧ୍ୟରେ ଥିବା ଦୟା, କ୍ଷମା, ସ୍ନେହ, ପ୍ରଣୟ ଇତ୍ୟାଦି ପ୍ରେମର ଗୋଟିଏ ଗୋଟିଏ ରୂପ ଅଟେ । ପ୍ରକୃତ ପ୍ରେମ ହିଁ ସଂପର୍କକୁ ମଜବୁତ କରିଥାଏ । ଯେତେ ପ୍ରକାର ବାଧା ଆସିଲେ ମଧ୍ୟ ପ୍ରେମ ହିଁ ସେମାନଙ୍କ ମଧ୍ୟରେ ବିଶ୍ୱାସ ହୋଇ ଠିଆ ହୁଏ । ପ୍ରକୃତ ପ୍ରେମୀ ପରସ୍ପର ପ୍ରତି ଯତ୍ନବାନ ଥାଆନ୍ତି । ଭବିଷ୍ୟତ ଯୋଜନାରେ ଉଭୟଙ୍କ ସହଯୋଗ ଥାଏ । ଯେଉଁଠାରେ ଏହାର ବିପରୀତ ଭାବ ଅଛି ସେଠାରେ ପ୍ରକୃତ ପ୍ରେମ ହିଁ ନାହିଁ । ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ସବୁ କିଛି ଦେବାନେବା ଓ ଦେଖାଇ ହେବାରେ ଚାଲିଛି ପ୍ରେମ । ମନର ଆକାଂକ୍ଷାକୁ ପୁରା କରିବା ପାଇଁ ଅନେକ ପ୍ରେମ କରୁଛନ୍ତି । ଯେଉଁଥିରେ ତିଳେ ମାତ୍ର ତ୍ୟାଗ ନାହିଁ ଯାହାକି ମିଛ, ପ୍ରତାରଣା ଏବଂ ଧୋକାରେ ପରିଣତ ହେଉଛି । ସ୍ୱାର୍ଥ କେନ୍ଦ୍ରିକ ପ୍ରେମର ପରମାୟୁ ବେଶୀ ଦିନ ରହି ପାରେନା ।

ସାଗର ଓ ସୁମି ଗାଁ କଲେଜରେ +୨ ବିଜ୍ଞାନ ପଢୁଥିଲେ । ଏମିତି ମିଳାମିଶା ଭିତରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଲା । ସାଗର ଗରିବ ଘରର ପିଲାଟି ତେଣୁ ସେ ସୁମିକୁ ଜନ୍ମଦିନରେ କିମ୍ବା ଅନ୍ୟଦିନ ମାନଙ୍କରେ ଭଲ ଭଲ ମୂଲ୍ୟବାନ ଜିନିଷ ଦେଇପାରୁ ନଥିଲା । କିନ୍ତୁ ସେ ସୁମିକୁ ବହୁତ ଭଲ ପାଉଥିଲା, ଯଦି କାହାରି ବାଡ଼ିରେ ପିଜୁଳି, ବରକୋଳି, କରମଙ୍ଗା ଇତ୍ୟାଦି ଇତ୍ୟାଦି ଫଳ ଦେଖେ, ତେବେ ଯେମିତି ହେଉ ସେ ସଂଗ୍ରହ କରି ସନ୍ଧ୍ୟା ସୁଦ୍ଧା ସୁମି ପାଖରେ ପହଞ୍ଚାଇଦିଏ । ଦିନକୁ ଦିନ ସାଗର ଓ ସୁମି ର ପ୍ରେମ ସମ୍ପର୍କ ବଢିବାକୁ ଲାଗିଲା । ସେମାନଙ୍କ ସମ୍ପର୍କକୁ ନେଇ ଗାଁ ଲୋକମାନେ ନାନା ପ୍ରକାର କଥା କହିଲେ । ତୁଣ୍ଡ ବାଇଦ ସହସ୍ର କୋଷ, କଥା ପହଁଚ଼ିଲା ସାଗର ଘରେ । ସାଗରକୁ ତା'ର ବାପା କହିଲେ ସୀମିତି ଆୟକୁ ନେଇ ଘର ଚ଼ଳେଇବା ସହିତ ତୋର ପାଠ ପଢା ଦେଖୁଛି । ଝାଳବୁହା ଟଙ୍କାର ମୂଲ୍ୟ ରଖିବୁ ବୋଲି ମୋର ଆଶା ଓ ଭରଷା ଅଛି ।

ସମୟକ୍ରମେ ସୁମି +୨ ବିଜ୍ଞାନରେ ପାଶ କଲା ପରେ ପୁଣି ସେହି କଲେଜରେ +୩ ବିଜ୍ଞାନରେ ପଢିଲା । କିନ୍ତୁ ସାଗର ଗାଁ କଲେଜରେ ନପଢି ସହରରେ +୩ ବିଜ୍ଞାନ ପଢିଲା । ସାଗର +୩ ବିଜ୍ଞାନରେ ଉତ୍ତୀର୍ଣ୍ଣ ହେବା ପରେ ଟଙ୍କା ଅଭାବରୁ ଆଉ ଉଚ୍ଚତର ଡିଗ୍ରୀ କରିପାରିଲା ନାହିଁ । ତେଣୁ ଚ଼ାକିରୀ ପାଇଁ ପ୍ରତିଯୋଗିତା ପରୀକ୍ଷା ଦେବାକୁ ନିଜକୁ ପ୍ରସ୍ତୁତ କଲା । ଦୁଇ ବର୍ଷ ବିଭିନ୍ନ ପ୍ରତିଯୋଗିତା ପରୀକ୍ଷା ଦେଲା କିନ୍ତୁ କୃତକାର୍ଯ୍ୟ ହୋଇପାରିଲା ନାହିଁ । ସୁମି +୩ ବିଜ୍ଞାନ ପାଶ କରିବାର ୨ ବର୍ଷ ପରେ ଘର ଲୋକ ବ୍ୟସ୍ତ ହେଲେ ତା'ର ବାହାଘର କରିବା ପାଇଁ । ସୁମି ସାଗରକୁ ଫୋନ୍ କରି କହିଲା ଘରେ ବ୍ୟସ୍ତ ହେଉଛନ୍ତି ମୋ ବାହାଘର ପାଇଁ । ବାପା କହୁଛନ୍ତି ଆଉ ବେଶୀ ଦିନ ଅପେକ୍ଷା କରିବା ଠିକ୍ ନୁହେଁ, ତେଣୁ କ'ଣ କରିବା କୁହ ? ସାଗର କହିଲା ଯଦି ତମ ଘରେ ଏମିତି ସବୁ କହୁଛନ୍ତି, ତେବେ ତମେ ଘରୁ ଅନୁମତି ଆଣି ପ୍ରେମ କରିବାର ଥିଲା । ସୁମି କହିଲା ପ୍ରେମ କରୁଛି ବୋଲି କ'ଣ ବାପାମା' ଙ୍କ କଥାକୁ ସମ୍ମାନ ଦେବା ଭୁଲ କି ? ତମେ ରାଗୁଛ କ'ଣ ପାଇଁ ? ରାଗିଲେ ସମାଧାନର ବାଟ ବାହାରି ନଥାଏ । ସାଗର ର ଟେନସନ, ଏପଟେ ଚ଼ାକିରୀ ମିଳୁନି ସେପଟେ ସୁମି ର ବାହାଘର ।

ସାଗରର ମନ ଅଶାନ୍ତ ହୋଇଗଲା, ତା'ର କୌଣସି କାର୍ଯ୍ୟ କରିବାକୁ ମନ ଲାଗିଲା ନାହିଁ । ଗାଁ କୁ ଆସି ବାପାଙ୍କୁ ସବୁ କଥା କହିଲା । ସବୁ ଶୁଣି, ତା' ବାପା କହିଲେ ତୋର ରୋଜଗାର କିଛି ନାହିଁ, ଝିଅ ଘର କ'ଣ ରାଜି ହେବେ ? ଏହି ପରିସ୍ଥିତିରେ ମୁଁ କ'ଣ କରିପାରିବି ? ତୁ ଝିଅର ବାପାକୁ ଦେଖା କରି ସବୁ କଥା କହ, ସେ ଆଉ କିଛି ଦିନ ଅପେକ୍ଷା କରନ୍ତୁ । ସୁମି ର ବାପାକୁ ଦେଖା କରି ସାଗର କହିଲା ଗାଁ କଲେଜରେ ପଢୁଥିବା ସମୟରୁ ଆମେ ପରସ୍ପରକୁ ଭଲ ପାଉଛୁ, ଆମେ ବାହା ହେବାକୁ ଚ଼ାହୁଁଛୁ । ସୁମି ର ବାପା କହିଲେ ହଁ ପୁଅ ତମେ ଭଲ ପାଉଛ ଯେ କିନ୍ତୁ ମୋ ଝିଅ କଥା ମୁଁ ତମ ଠାରୁ ଅଧିକ ଚ଼ିନ୍ତା କରୁଛି । ସେ କେମିତି ଭଲରେ ଓ ଶାନ୍ତିରେ ଜୀବନ ଅତିବାହିତ କରିବ । ତମର ରୋଜଗାର ବୋଲି କିଛି ନାହିଁ, ମୋ ଝିଅକୁ ଚ଼ଳେଇବ କେମିତି ? ଯଦି ତମେ କହୁଛ ତେବେ ମୁଁ ଆଉ ୬ ମାସ ଅପେକ୍ଷା କରୁଛି । ପ୍ରଥମେ ରୋଜଗାର କର, ତା'ପରେ ବାହାଘର । ଭାବି ଶଶୁରଙ୍କ କଥା ଶୁଣି ସାଗରର ଚ଼ିନ୍ତା ଆହୁରି ବଢିଗଲା । ସେ ସୁମିକୁ ଭେଟି କହିଲା ତମ ବାପା କହିଛନ୍ତି ୬ ମାସ ଭିତରେ ଯଦି ମୁଁ ରୋଜଗାରକ୍ଷମ ହେବି ତେବେ ତମକୁ ବାହା ହୋଇ ପାରିବି, ଏଗୁଡା କି ପ୍ରକାର କଥା ? ତା'ହେଲେ ଆମେ କି ପ୍ରେମ କରୁଥିଲେ ? ଏଇଟା କ'ଣ ସର୍ତ୍ତମୂଳକ ପ୍ରେମ ? ସୁମି କହିଲା ଏଇଟା ସର୍ତ୍ତମୂଳକ ପ୍ରେମ ନୁହେଁ, ବାପା ଯାହା କହୁଛନ୍ତି ଠିକ୍ କଥା । ତମର କିଛି ବି ରୋଜଗାର ନାହିଁ, ଆମେ ବାହା ହେଲା ପରେ ଚ଼ଳିବା କେମିତି ? ଏମିତି କିଛି ଯୋଜନା ଅଛି କି ପ୍ରେମ ବିବାହ କରିଥିବା ପୁଅ ଝିଅଙ୍କୁ ସବୁ କିଛି ମାଗଣାରେ ମିଳିଯିବ ?



ସାଗର କହିଲା ୬ ମାସ ଭିତରେ, କି ଚ଼ାକିରୀ ପାଇଯିବି ? ଗୋଟେ ଚ଼ାକିରି ପାଇଁ ବିଜ୍ଞାପନ ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପାଇଁ ଛଅ ମାସରୁ ଅଧିକ ସମୟ ଲାଗିଯାଉଛି, ଏବେ ମୁଁ କ'ଣ କରିବି ? ସୁମି କହିଲା ତମେ ବେଶୀ ଟେନସନ ହୁଅନି । ମୁଁ ତମ ସହିତ ଅଛି ମିଶିକି ଉପାୟ ବାହାର କରିବା । ତମେ ପାଠ ପଢି ଜ୍ଞାନ ଅର୍ଜନ କରିଛ, ବ୍ୟବସାୟ କର । ସାଗର କହିଲା ସବୁରି ମୂଳରେ ଟଙ୍କା, ପାଖରେ ଟଙ୍କା ନାହିଁ କି ବ୍ୟବସାୟ କରିବି ? ସୁମି କହିଲା ଆଜିକାଲି ବିଭିନ୍ନ ପ୍ରକାର ଯୋଜନା ଆତ୍ମ ନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଛି । ଖବର କାଗଜ, ଟିଭି ଓ ଅନ୍ୟାନ୍ୟ ମାଧ୍ୟମରେ ଜାଣିବାକୁ ମିଳେ ନୂଆ ନୂଆ ପଦ୍ଧତିରେ ମାଛ ଚ଼ାଷ ଯୁବ ବର୍ଗଙ୍କୁ ଆକୃଷ୍ଟ କରିଛି । ଯୋଜନା ଗୁଡିକରେ ପ୍ରକଳ୍ପର ମୂଲ୍ୟ ସହିତ ରିହାତିର ବ୍ୟବସ୍ଥା ଅଛି । ବୈଷୟିକ ତାଲିମ ଓ ପରାମର୍ଶ ଦିଆଯାଉଛି । ଅନେକ ଶିକ୍ଷିତ ଯୁବକ ମାଛ ଚ଼ାଷ କରି ସଫଳତା ମଧ୍ୟ ପାଇଛନ୍ତି । ଏମିତି ବି ଚ଼ାଷ ଅଛି ସବୁକିଛି କମ୍ ରେ ସମ୍ଭବ ହୋଇପାରିବ । ବାୟୋଫ୍ଲକ ମାଧ୍ୟମରେ ଜଣେ, କମ୍ ଖର୍ଚ୍ଚରେ, କମ୍ ଜାଗାରେ, କମ୍ ଜଳରେ ଓ କମ୍ ସମୟରେ ଚ଼ାଷ କାର୍ଯ୍ୟ କରିପାରିବ । ତମେ ଭଲ ଭାବରେ ବୁଝାବୁଝି କର କେଉଁ ପ୍ରକାର ଚ଼ାଷ ତମ ପାଇଁ ଉପଯୁକ୍ତ ସାବ୍ୟସ୍ତ ହେବ ।

ଜଣେ ସଫଳ ପୁରୁଷଙ୍କ ପଛରେ ଜଣେ ନାରୀଙ୍କର ହାତ ଥାଏ ବୋଲି କୁହାଯାଏ । ସୁମି ର ପ୍ରେରଣାଦାୟୀ କଥା ସାଗରକୁ ଆଲୋକ ଦେଖାଇଲା । ଏକ ଅଦୃଶ୍ୟ ଶକ୍ତି ତାକୁ ସଫଳତା ଆଡକୁ ଟାଣିନେଲା । ସେ ଆଉ ସମୟ ନଷ୍ଟ ନକରି ଏକାଗ୍ରତାର ସହିତ କାର୍ଯ୍ୟରେ ଲାଗି ପଡିଲା । ସୁମି ର ପ୍ରେରଣା ଓ ସାଗରର ଦୃଢ ଇଚ୍ଛାଶକ୍ତି ମାଛ ଚ଼ାଷରେ ସଫଳତା ଆଣିଦେଲା । ସାଗର ର ଖୁସି କହିଲେ ନସରେ, ସେ ଭାବି ଶ୍ୱଶୁରଙ୍କୁ ଦେଖାକରି ନିଜେ ରୋଜଗାରକ୍ଷମ ହୋଇପାରିଛି ବୋଲି କହିଲା । ଶ୍ୱଶୁର ବି ବହୁତ ଖୁସି ହେଲେ । ଝିଅକୁ ଡାକି କହିଲେ ତୁ ଉପଯୁକ୍ତ ପୁଅକୁ ପସନ୍ଦ କରିଛୁ ଯିଏକି ନିଜକୁ ରୋଜଗାରକ୍ଷମ କରିପାରିଛି । ସୁମି ଓ ସାଗର ପୋଖରୀ ପାଖରେ ବସିଥାଆନ୍ତି, ସୁମି ହସି ହସି ସାଗରକୁ କହିଲା 'ମାଛ ଗଢିଦେଲା ସମ୍ପର୍କର ସେତୁ । ସୁମି କଥା ଶୁଣି ସାଗର କହିଲା,

ମାଛ ଚାଷ ଦେଲା ଖୁସି ପ୍ରବଳ
ଯାହା ପାଇଁ ଆମ ପ୍ରେମ ସଫଳ ॥

ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

# ଦଳିତ ମହିଳାଙ୍କୁ ନ୍ୟାୟ ଓ କୋରାଇ ଥାନାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି

କୋରେଇ,(ପି.ଏନ):ଗତ କିଛି ଦିନ ତଳେ ମିଥ୍ୟା ଟ୍ରାକ୍ଟର ଚୋରି ମାମଲାରେ କୋରାଇ ଥାନା ଅନ୍ତର୍ଗତ ଗୌରପୁର ପଂଚାୟତର ଛଂଚାଣିଆ ଗାଁର ଦଳିତ ଯୁବକ ବଳରାମ ଯେନାଙ୍କୁ ଶାସକ ଦଳର ନେତାଙ୍କ ସାହାଯ୍ୟରେ ଘରୁ ଜବରଦସ୍ତ ଉଠାଇ ଆଣି କୋରାଇ ଥାନାଧିକାରୀ ୫ ଦିନ ଅଟକ ରଖି ଦୁର୍ବ୍ୟବହାର କରିବା ସହ ଥାର୍ଡ ଡିଗ୍ରୀ ପ୍ରୟୋଗ ନେଇ ଅଭିଯୋଗ କରାଯାଇଥିଲା । ଏନେଇ ତାଙ୍କ ସ୍ତ୍ରୀ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିଗୋଚର କରିବା ପରେ ଥାନାଧିକାରୀ ଶ୍ରବଣ କୁମାର ମହାରଣା ଓ ଶାସକ ଦଳ ବିଧାୟକ ପ୍ରତିନିଧିଙ୍କ ସମତେ ୧୬ ଜଣଙ୍କ ନାମରେ ମାମଲା ରୁଜୁ ହେବା ସହ ୫ଜଣଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି । ଏଥି ପାଇଁ କୋରେଇ ଜନସାଧାରଣଙ୍କ ତରଫରୁ ଏକ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ହିସାବରେ ବିଜେପି ନେତା ବିଶ୍ୱଜିତ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଅରକ୍ଷି ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ତାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷି ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକଙ୍କୁ ଭେଟି ଥାନାଧିକାରୀ ଶ୍ରୀ ମହାରଣାଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ସମ୍ପୃକ୍ତ ବିଧାୟକ ପ୍ରତିନିଧିଙ୍କ ସମେତ ଅନ୍ୟ ୧୧ ଜଣଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି । ଏମିତିକି କୌଣସି ଗରିବ ଲୋକ ଥାନାକୁ ନ୍ୟାୟ ଭିକ୍ଷା ପାଇ ଗଲେ ଥାନାଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଘଂଟା ଘଂଟା ଶାସକ ଦଳର ନେତାଙ୍କ କଥାରେ ଥାନାରେ ଅଟକ ରଖୁଛନ୍ତି । କୌଣସି ମକଦ୍ଦମା ହେଲେ ଶାସକ ଦଳ ନେତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ଛାଡି ଦେଉଥିବା ବେଳେ ସାଧାରଣ ଲୋକଙ୍କୁ ବିଭିନ୍ନ ସଙ୍ଗୀନ ଦଫା ଲଗାଇ ହାଜତକୁ ପଠାଯାଉଛି । କୌଣସି ଅଭିଯୁକ୍ତକୁ ଧରିବା ପାଇଁ ରାତ୍ରୀ ଚଢାଉ ସମୟରେ ଶାସକ ଦଳର କୁଜି ନେତାଙ୍କୁ ପୁଲିସ ଗାଡଇରେ ନେଇ ଲୋକଙ୍କ ଘରେ ପଶି ଚଢାଉ କରାଯାଇ ହଇରାଣ ହରକତ କରାଯାଉଛି । ରାଜ୍ୟରେ ୫ଟି ସରକାର ଚାଲୁଥିବା ବେଳେ ଥାନାଧିକାରୀଙ୍କ ଏଭଳି ଅସୌଜନ୍ୟ ବ୍ୟବହାର ଓ କାର୍ଯ୍ୟକଳାପ ସ୍ଥାନୀୟ ଜନସାଧାରଣଙ୍କୁ ଅତିଷ୍ଠ କରିବା ସହ ଯାଜପୁର ପୁଲିସକୁ ସମଗ୍ର ରାଜ୍ୟରେ ନିନ୍ଦିତ ହେବାକୁ ପଡିଛି । ଏଥିପାଇଁ ଥାନାଧିକାରୀଙ୍କ ବିରୁଦ୍ଧରେ ୧୦ ଦିନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ବିକ୍ରମ ବିଶ୍ୱାଳ, ସରପଂଚ ରବିନ୍ଦ୍ର ବେହେରା, ବିଷ୍ଣୁ ଚରଣ ରଥ, ମମତା ମଂଜରୀ ମହାପାତ୍ର, ଉଦୟ ପରିଡା, ପ୍ରତାପ ସାହୁ, ପ୍ରମୋଦ ସାହୁ, ବିଜୟ ଘଡାଇ, ଶଶିଭୂଷଣ ସେନାପତି, ଆଲୋକ କୁମାର ମଳିକ, ଟୁଲୁ ସାହୁ, ସଂଜୟ ବରିକ, ଲଲାଟେନ୍ଦୁ ନାୟକ, ନୀଳମାଧବ ଚକ୍ର, ସୀତାକାନ୍ତ କୁଅଁର, ଉମାକାନ୍ତ ମାଝୀ, ଆଶିଷ ଦାସ, ଗୋପାଳକୃଷ୍ଣ ପାଢୀ, ଅହ୍ଲା ମହାପାତ୍ର, ସୁଭଂଜନ ଦାସ, ସୁରେଶ ବେହେରାଙ୍କ ସମେତ ଅନ୍ୟ କର୍ମୀ ସାମିଲ ହୋଇଥିଲେ।

# ଫୁଲବାଣୀରୁ ଚକାପାଦକୁ ବସ ଚଳାଚଳ ଆରମ୍ଭ

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦର ପ୍ରଚେଷ୍ଟା ଯୋଗୁଁ ଫୁଲବାଣୀ ଠାରୁ ଚକାପାଦ ପର୍ଯ୍ୟନ୍ତ ଏକ ଘରୋଇ ବସ ଚଳାଚଳ ଆଜିଠାରୁ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପାଧ୍ୟକ୍ଷ ଦିଲୀପ କୁମାର ସାହାଣୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ବସଟି ଫୁଲବାଣୀରୁ ବାହାରି ତିଳକ ପଡ଼ା, କଲାଡ଼ି, ଘୋଡା ଗାଡୁ , ଭୁକ୍ତା କନାଲି, ବଡଭୁଇଁ,ଆଡ। ସି ପଡ଼ା, ଲାଇନ ପଡ଼ା ଦେଇ ଚକାପାଦ ଯିବାକୁ ସ୍ଥିରୀକୃତ ହୋଇଛି। ଏହି ଗ୍ରାମ ଗୁଡ଼ିକୁ ବସ ଯୋଗାଯୋଗ ନ ଥିବାରୁ ଗ୍ରାମବାସୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏସବୁ ଗ୍ରାମରୁ ଶହ ଶହ ଲୋକ ନିଜର ଜୀବନଜୀବିକା ପାଇଁ ଫୁଲବାଣୀ ସହର ଉପରେ ନିର୍ଭର କରନ୍ତି। ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପ୍ରଧାନ, ଉପ ସମ୍ପାଦକ ଶୁଭେନ୍ଦୁ ତ୍ରିପାଠୀ ସଭ୍ୟ ଦିଲୀପ କୁମାର ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ଶତ୍ରୁଘନ ମହାନ୍ତି, ପ୍ରସନ୍ନ ପଟ୍ଟନାୟକ,ଫିଲେ ମୋହନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ରାଜକିଶୋର ବେହେରା, ପ୍ରସନ୍ନ ସାହାଣୀ, ସର୍ବେଶ୍ୱର ମିଶ୍ର ଓ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବସ ଚଳାଚଳ ଶୁଭାରମ୍ଭ ପରେ ପ୍ରତ୍ୟେକ ଗ୍ରାମରେ ଜନ ସାଧାରଣ ମଧ୍ୟରେ ଉତ୍ସାହ ଦେଖା ଦେଇଥିଲା ଓ ସେମାନେ ରାସ୍ତା ରେ ବନ୍ଧା। ପନା। କରିଥିଲେ। ଗତ ୨ବର୍ଷ ହେଲା ଅନୁଷ୍ଠାନ ପକ୍ଷରୁ ସଦସ୍ୟ ମାନେ ଅକ୍ଲାନ୍ତ ପରିଶ୍ରମ କରିଥିଲେ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ଫୁଲବାଣୀ ଘରୋଇ ବସ ମାଲିକ ସଂଘ ସହାୟତାର ହାତ ବଢ଼ାଇ ଥିଲା।

# ବିକିଜି ନାଗ ପାଇଲେ ବନ୍ୟଜନ୍ତୁ ସଂରକ୍ଷଣ - ୨୦୨୨ ପୁରସ୍କାର

ବଲାଙ୍ଗିର,(ପି.ଏନ): ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ, ଯେତେବେଳେ ବିପଦ ବହୁଗୁଣିତ ହୁଏ, ଜଙ୍ଗଲ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ କାର୍ଯ୍ୟ କରୁଥିବା ଲୋକ ଏବଂ ଅନୁଷ୍ଠାନଗୁଡିକ ଜଙ୍ଗଲ ଏବଂ ବନ୍ୟଜନ୍ତୁ ମାନଙ୍କ ପାଇଁ ସେମାନଙ୍କର ଉତ୍ତମ କାର୍ଯ୍ୟକୁ ଅନୁବାଦ କରିବା ପାଇଁ ସରକାରଙ୍କ ଡାଞ୍ଚାରେ ସ୍ୱୀକୃତିପ୍ରାପ୍ତ ହେବା ଆବଶ୍ୟକ ହୋଇଥାଏ । ବହୁ ଦଶନ୍ଧି ଧରି ଜିଲ୍ଲାରେ ଏହା ଶୁଣିନଥିଲେ ମଧ୍ୟ ବଲାଙ୍ଗୀର ବନ ବିଭାଗ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଭଲ କାର୍ଯ୍ୟର ମାନ୍ୟତା ମଞ୍ଚ ଅନୁସନ୍ଧାନ କରିଥିଲା ଏବଂ ସଇଁତଳାର ନିସ୍ୱାର୍ଥପର ସେବା କରି ଶ୍ରୀ ବିକିଜି ନାଗ ଏକ ଅନୁମୋଦନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଶ୍ରୀ ନାଗଙ୍କ ନିରନ୍ତର ପ୍ରୟାସ ଏବଂ ଦୃଢତା ସହିତ ଜଡିତ ନାମାଙ୍କନଗୁଡିକର ଏକ ସମାଲୋଚନାମୂଳକ ମୂଲ୍ୟାଙ୍କନ ବିଜୁ ପଟ୍ଟନାୟକ ପୁରସ୍କାର ପାଇଁ ରାଜ୍ୟ ସ୍ତରୀୟ ପୁରସ୍କାରର ଉପଯୁକ୍ତ ପ୍ଲାଟଫର୍ମରେ ନୀତୀଶ କୁମାର, ଆଇଏଫଏସ, ଡିଏଫଓ ବଲାଙ୍ଗୀରକୁ ସ୍ଥାନିତ କରିଛି।

# ନିମାପଡ଼ାର ଶହେଟି ସ୍ଥାନରେ ବିଜେପି ମହିଳାମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରିବେ

ପୁରୀ,(ପି.ଏନ): ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ପ୍ରତି ଦିନକୁ ଦିନ ଅଡୁଆ ପରିସ୍ଥିତି ସୃଷ୍ଟି ହେଉଛି। ପୁରୀଜିଲ୍ଲା ଗୋପ ବ୍ଲକ ଅର୍ନ୍ତଗତ ୧୧ ନମ୍ବର ଜିଲ୍ଲାପରିଷଦ ସଭ୍ୟ ମୃତ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣା ଏବେ ରାଜ୍ୟରେ ଚହଳ ସୃଷ୍ଟି କରିଛି। ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡ଼ା ଏହି ଘଟଣାକୁ ନେଇ ରଣହୁଙ୍କାର ଦେଇଛନ୍ତି। ଆଜି ପୁରୀରେ ଜିଲ୍ଲାପାଳଙ୍କୁ ଭେଟିବା ପରେ ସାମ୍ବାଦିକ ସମ୍ମିଳନୀରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀଙ୍କ ବିରୋଧରେ ପ୍ରତିବାଦ ଗର୍ଜନ କରିଛନ୍ତି। ମନ୍ତ୍ରୀଙ୍କୁ ପଦରୁ ନହଟାଇବା ପର୍ଯ୍ୟନ୍ତ ଖାଲି ନିମାପଡ଼ା ନୁହେଁ ସାରା ରାଜ୍ୟରେ ମହିଳାମାନେ ଏହି ଘଟଣାକୁ ନେଇ ପ୍ରତିବାଦ କରିବେ। ନିମାପଡ଼ାରେ ଆସନ୍ତା କାଲି ବିଜେଡ଼ି ପକ୍ଷରୁ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଦଳୀୟ ଚିହ୍ନ ସହ ଶାଢ଼ୀ ବଂଟନ କରାଯାଇ ସମାବେଶକୁ ୩୦ ହଜାର ମହିଳା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଏନକାଉଂଟର ଭାବେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶହେଟି ସ୍ଥାନରେ ମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯିବ ବୋଲି ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ସମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି। ସ୍ୱର୍ଗତ ଧର୍ମେନ୍ଦ୍ର ସାହୁ ମରିବା ପୂର୍ବରୁ ମୃତକାଳୀନ ଜମାନବନ୍ଦୀ ଭାବେ ଯେଉଁ ବୟାନ ସମ୍ବାଦିକ ଅକ୍ଷୟ ନାୟକଙ୍କୁ ଦେଇଛନ୍ତି ତା ଉପରେ ପୋଲିସ ତର୍ଜମା କରିବା ଆବଶ୍ୟକ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଏହି ଘଟଣାକୁ ଚାପିଦେବା ପାଇଁ ମନ୍ତ୍ରୀ ଯେଉଁ ଷଡ଼ଯନ୍ତ୍ର କରିଛନ୍ତି ତାକୁ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଖୋଲାସା କରାଯିବା ପାଇଁ ଦାବି ହୋଇଛି। ବର୍ତମାନ ସୁଦ୍ଧା ବିନ୍ଦାସ ଚିନୁ ପାଖରେ ପୋଲିସ ପହଂଚି ପାରିନାହିଁ। ଏଥିରେ ସଂପୃକ୍ତି ଥିବା ଠିକାଦାର ଟୁନାଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିନାହିଁ। ଏହି ଘଟଣାକୁ ଅତି ସତର୍କତା ଭାବେ ଚପାଇଦେବା ପାଇଁ ଷଡ଼ଯନ୍ତ୍ର କରାଯାଉଛି ବୋଲି ବିଜେପି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲ୍ଲା ସଭାନେତ୍ରୀ ଜ୍ୟୋତି ମହାପାତ୍ର, ସୁବାସିନୀ ପୃଷ୍ଟି, ଅନିତା ଶୁଭଦର୍ଶନୀ, ଐଶର୍ଯ୍ୟା ବିଶ୍ୱାଳଙ୍କ ସହ ଅନେକ ନେତ୍ରୀ ଯୋଗ ଦେଇଥିଲେ।

# କୁଲୁତା ସମାଜର ସୁବର୍ଣ୍ଣ ଜୟନ୍ତି ମହା ସମାରୋହ ରେ ପାଳିତ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା ବିଶାଳହେ କୁଲୁତା ସମାଜ ର ସୁବର୍ଣ୍ଣ ଜୟନ୍ତି ମହାସମାରୋହ ରେ ଉଦ୍ଘାଟିତ ହୋଇଯାଇଛି। ଗୁରବାର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଜାତି ଧ୍ୱଜା ସ୍ଥାପନ କରାଯାଇଥିଲା।ସେହିପରି ଶୁକ୍ରବାର ହର୍ଡାଟାଲ ହାଇସ୍କୁଲ ଖେଳପଡିଆ ଠାରେ ଦିନ ୧୧ ଟା ସମୟରେ ସଭା ଆୟୋଜନ ହୋଇଯାଇଛି। ସଭା କାର୍ଯ୍ୟ ପ୍ରାରମ୍ଭ ରୁ କୁଲୁତା ଜାତିର ଇଷ୍ଟ ଦେବି ରଣେଶ୍ୱର ରାମଚଣ୍ଡି ଙ୍କ ବନ୍ଦନା କରାଯାଇଥିଲା ।ପରେ ସମାଜ ର ଦିବଙ୍ଗତ ବ୍ୟକ୍ତି ମାନଙ୍କ ର ଅମର ଆତ୍ମାର ସଦ୍ଗତି ପାଇଁ ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଜିକାର ପ୍ରଥମ ପର୍ଯ୍ୟାୟ ସଭାରେ ଓଡିଶା ର ବିଭିନ୍ନ ଜିଲାରୁ ଜିଲ୍ଲା ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇ ବିଗତ ଦିନରେ ଜାତି ମହାସଭାରେ ତିଆରି ହୋଇଥିବା ଜାତି ସମ୍ବିଧାନ ବିଶୟରେ ଆଲୋଚନା ହୋଇଛି। ସେହିପରି ଅପରାହ୍ନ ରେ ଦ୍ୱିତୀୟ ପର୍ଯ୍ୟାୟ ସଭାରେ କୃଷି ଓ କୃଷକ ଙ୍କ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ କୃଷି ବିଶେଷଜ୍ଞ ଅମିୟ କୁମାର ସାହୁ ଓ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଧାନ ଗବେଷକ ଶ୍ରୀଯୁକ୍ତ ସୁଦାମ ସାହୁ ଯୋଗ ଦେଇଥିଲେ ।

# ଐତିହାସିକ ଓ ପାରମ୍ପରିକ ବଳଦ ଯାତ୍ରା ଶେଷ

ଭୁବନ, (ପି.ଏନ): ଢେଙ୍କାନାଳ ଜିଲ୍ଲା ଭୁବନରେ ଐତିହାସିକ ଓ ପାରମ୍ପରିକ ବଳଦ ଯାତ୍ରା ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବାବେଳେ ମା' ଦୁର୍ଗାଙ୍କୁ ଅଶ୍ରୁଳ ନୟନରେ ବିଦାୟ ଦେଇ ପୁଣି ଆରବର୍ଷକୁ ଅପେକ୍ଷା କରିଛନ୍ତି ସମଗ୍ର ଭୁବନବାସୀ। ମହାମାରୀ କରୋନା ଯୋଗୁ ଦୀର୍ଘ ଦୁଇବର୍ଷ ହେଲା ଯାତ୍ରା ହୋଇନଥିବାବେଳେ ଚଳିତବର୍ଷ ଧୁମଧାମରେ ପାଳନ ହୋଇଥିଲା ଦଶହରା ପର୍ବ। ବିଜୟା ଦଶମୀ ସଂଧ୍ୟାରେ ଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିଲା ଐତିହାସିକ ତଥା ପାରମ୍ପରିକ ବଳଦ ଯାତ୍ରା। ସାଂସଦ ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଳଦ ଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବଳଦଯାତ୍ରାର ଅନ୍ୟତମ ସହଯୋଗୀ କାଚରା ସମାଜ ତରଫରୁ ସାଂସଦଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଶାନ୍ତିକମିଟି ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଳଦ ଯାତ୍ରାର ସ୍ରଷ୍ଟା ଥୋରିଆ ସମାଜ ପ୍ରଥା, ପରମ୍ପରା ଓ ରୀତି ନୀତି ଅନୁଯାୟୀ ବଳଦ ଯାତ୍ରା ଅନୁକୂଳ କରିଥିଲା। ବଣିଆ ସଂପ୍ରଦାୟ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ସମୁଦାୟ ୩୨ଟି ସୁସଜ୍ଜିତ ବଳଦ ଗୁଜୁରୀ ହାଟରୁ ଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଏକାଦଶୀ ସଂଧ୍ୟାରେ ପାଲାମଣ୍ଡପ ଠାରେ ଆରମ୍ଭ ହୋଇଥିଲା ଚିତାକର୍ଷକ ରାବଣପୋଡ଼ି ଓ ଆତସବାଜି ମହୋତ୍ସବ। ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ। ରାତ୍ର ୧୦ ଘଟିକା ସମୟରେ ଆରମ୍ଭ ହୋଇଥିଲା ବଳଦ ଯାତ୍ରାର ଅନ୍ତିମ ପର୍ବ ତଥା ମା ଦୁର୍ଗାଙ୍କ ଭସାଣି ଶୋଭାଯାତ୍ରା। ଭସାଣି ଯାତ୍ରାରେ ସମୁଦାୟ ୩୨ଟି ବଳଦ ଓ ୧୩ଟି ଦୁର୍ଗାମେଢ ସାମିଲ ହୋଇଥିଲା। ତୁହାକୁତୁହା ବର୍ଷାସତ୍ତ୍ୱେ ପାରମ୍ପରିକ ବାଦ୍ୟ, ଲୋକନୃତ୍ୟ ସାଙ୍ଗକୁ, ମ୍ୟୁଜିକଗ୍ରୁପ ଓ ଡିଜେ ସାଉଣ୍ଡର ତାଳେତାଳେ ଯୁବଗୋଷ୍ଠୀ ନୃତ୍ୟକରିଏକାଦିନକେ ୨ ବର୍ଷର ମଜା ନେଇଥିଲେ। ମଧ୍ୟାହ୍ନ ୧୨ ଘଟିକା ସମୟରେ ସମସ୍ତ ମେଢ ନୂଆବଜାର(ବସ୍‌ଷ୍ଟାଣ୍ଡ) ଠାରେ ପହଂଚିବା ପରେ ଆରମ୍ଭ ହୋଇଥିଲା ମେଳଣ। ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନି ସାଙ୍ଗକୁ ଘଂଟ, ଘଂଟାରେ ପ୍ରକମ୍ପିତ ହୋଇପଡ଼ିଥିଲା ସମଗ୍ର ପରିବେଶ। ହଜାର ହଜାର ଦର୍ଶକ ଅଶ୍ରୁଳ ନୟନରେ ମା ଦୁର୍ଗାଙ୍କୁ ବିଦାୟ ଜଣାଇ ପୁଣି ଅପେକ୍ଷା କରିଥିଲେ ଆରବର୍ଷକୁ। ନଗରପାଳ ଶୁଭେନ୍ଦୁ କୁମାର ସାହୁ, ସହର ସଂଗଠନ ସଭାପତି ବାସୁଦେବ ବେହେରା, ଶାନ୍ତିକମିଟି ବରିଷ୍ଠ ସଭ୍ୟ ଦିଲ୍ଲୀପ କୁମାର ଦାସଙ୍କ ସମେତ ଶାନ୍ତିକମିଟି ସଦସ୍ୟମାନେ ବଳଦ ଯାତ୍ରାକୁ ଶୃଙ୍ଖଳିତ କରିଥିବାବେଳେ ଆଡିସିନାଲ ଏସ୍‌ପି ପୁରୁଷୋତମ ସେଠୀଙ୍କ ତତ୍ତ୍ୱାବଧାନ, ଏସଡିପିଓ ରଂଜନ କୁମାର ଦେ, ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ୮୦ରୁ ଉର୍ଦ୍ଧ୍ୱ ପୋଲିସ ଅଫିସର, ୩ ପ୍ଲାଟୁନ ଫୋର୍ସ, ପୋଲିସ କର୍ମଚାରୀ ଗୃହରକ୍ଷୀ ଶାନ୍ତିଶୃଙ୍ଖଳାରେ ନିୟୋଜିତ ହୋଇଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଚଳିତ ଶିକ୍ଷାବର୍ଷରେ କିସ୍ ଛାତ୍ରଛାତ୍ରୀଙ୍କ ଉଚ୍ଚକୋଟୀର ଶୈକ୍ଷିକ ପ୍ରଦର୍ଶନ

ଭୁବନେଶ୍ୱର, (ପି.ଏନ): ବିଶ୍ୱର ସର୍ବବୃହତ ଆବାସିକ ଜନଜାତି ଅନୁଷ୍ଠାନ କିସ୍‌ରେ ଉପଯୁକ୍ତ ଯତ୍ନ ଓ ଶୈକ୍ଷିକ ପରିବେଶ ପାଇଁ ଏହାର ଛାତ୍ରଛାତ୍ରୀମାନେ ସର୍ବଦା ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ଶିକ୍ଷାବର୍ଷରେ କିସ୍‌ର ଛାତ୍ରଛାତ୍ରୀମାନେ ଉଚ୍ଚକୋଟୀର ଶୈକ୍ଷିକ ପ୍ରଦର୍ଶନ କରିପାରିଛନ୍ତି। ଚଳିତବର୍ଷ କିସ୍‌ର ୪ଜଣ ଛାତ୍ରଛାତ୍ରୀ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ରାଇମାତ ଟୁଡୁ, ମଣ୍ଟୁ ଖମାରୀ, ହେମନ୍ତ ପୁଟା ଓ ନୀଳମାଧବ ପାତ୍ର। ରାଇମାତ ଟୁଡୁ ମୟୂରଭଞ୍ଜ ଜିଲ୍ଲାରୁ ଆସିଥିବା ବେଳେ ମଣ୍ଟୁ ଓ ହେମନ୍ତ ବଲାଙ୍ଗୀର ଜିଲ୍ଲା ଓ ନୀଳମାଧବ କଳାହାଣ୍ଡି ଜିଲ୍ଲାରୁ ଆସି କିସ୍‌ରେ ପଢୁଥିଲେ। ଚଳିତବର୍ଷ ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ମୋଟ ୩୯୨ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେଥିରେ କିସ୍‌ର ୪ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏହା ବ୍ୟତୀତ କିସ୍‌ର ୨୫ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ନ୍ୟାସ୍‌ନାଲ୍ ଫେଲୋସିପ୍ ଫର ସିଡ୍ୟୁଲ୍‌ଡ ଟ୍ରାଇବ (ଏନ୍‌ଏଫ୍‌ଏସ୍‌ଟି) ମେଧାବୃତ୍ତି ପାଇ ପିଏଚ୍‌ଡି କରୁଛନ୍ତି। ଆସନ୍ତା ୫ବର୍ଷ ପାଇଁ ପିଏଚ୍‌ଡି କରିବା ସମୟରେ ଏହି ଛାତ୍ରଛାତ୍ରୀମାନେ କେନ୍ଦ୍ର ସରକାରଙ୍କଠାରୁ ମାସକୁ ୩୫ ହଜାର ଲେଖାଏଁ ଟଙ୍କା ମେଧାବୃତ୍ତି ପାଇବେ। ସେହିପରି କିସ୍‌ର ୧୭ ଜଣ ଛାତ୍ରଛାତ୍ରୀ ନ୍ୟାସ୍‌ନାଲ୍ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍‌ସ ଟେଷ୍ଟ (ନିଟ୍)ରେ ସଫଳତା ପାଇଥିବା ବେଳେ ଜେଇଇ ଆଡ୍‌ଭାନ୍‌ସରେ ମଧ୍ୟ ୩ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। କିସ୍‌ରେ ଛାତ୍ରଛାତ୍ରୀମାନେ କିଭଳି ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ ସେ ନେଇ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସର୍ବଦା ପ୍ରୟାସ ଜାରି ରଖି ଆସିଛନ୍ତି। ସମୟକୁ ସମୟ ଶ୍ରୀ ସାମନ୍ତଙ୍କ ପରାମର୍ଶ କ୍ରମେ ଏହି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ନିମନ୍ତେ ତାଲିମ୍ ଓ ଉପଯୁକ୍ତ କୋଚିଂ ଦିଆଯାଇଥାଏ। ଫଳରେ ଶିକ୍ଷା ସହ କ୍ରୀଡ଼ା ଓ ନିଯୁକ୍ତି କ୍ଷେତ୍ରରେ ଏହି ଛାତ୍ରଛାତ୍ରୀମାନେ କ୍ରମାଗତ ସଫଳତା ହାସଲ କରିଆସୁଛନ୍ତି। ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀମାନେ କିସ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେବା ସହ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସଫଳତା କେବଳ କିସ୍‌ର ନୁହେଁ ବରଂ ସମସ୍ତ ଜନଜାତି ସମାଜର ବିକାଶ ବୋଲି ଶ୍ରୀ ସାମନ୍ତ କହିଛନ୍ତି।



## ବେଆଇନ ଚୋରା ବାଲି ଚାଲାଣ ରୋକିବା ପାଇଁ ବିଜେପିର ଦାବିପତ୍ର

କେନ୍ଦ୍ରାପଡ଼ା, (ପି.ଏନ): ବାଲି ମାଫିଆ ମାନେ ଜିଲ୍ଲାରେ ପ୍ରବାହିତ ବିଭିନ୍ନ ନଦୀରୁ ବେଆଇନ ଭାବେ ଚୋରାରେ ବାଲି ଉଠାଇ ପ୍ରଚୁର ଲାଭବାନ ହେଉଥିବା ବେଳେ ବିପୁଳ ପରିମାଣର ରାଜସ୍ୱ ହାନୀ ଘଟୁଛି। ଅପରପକ୍ଷରେ ନଦୀ ଶଯ୍ୟା ଖନନ କରିବା ଯୋଗୁଁ ମୃତିକା କ୍ଷୟ, ନଦୀର ଗତିପଥ ପରିବର୍ତନ ହେବା ସହ ବନ୍ଧ ଦୁର୍ବଳ ହୋଇ ବର୍ଷା ଋତୁରେ ବନ୍ୟା ଜଳ ନଦୀ କୂଳିଆ ଗ୍ରାମ ମାନଙ୍କରେ ପ୍ରବେଶ କରି ବ୍ୟାପକ ଧନ ଜୀବନ ସମ୍ପତି ନଷ୍ଟ କରୁଛି। ବାଲି ଚୋରା ଚାଲାଣ ରୋକିବା ପାଇଁ ଓ ବାଲି ମାଫିଆଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

# ସଦର ଅଞ୍ଚଳରେ ଭସାଣି ଯାତ୍ରା ସମ୍ପନ୍ନ



ଫୁଲନଖରା, (ପି.ଏନ):ସଦର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦଶହରା ପର୍ବ ଉଦଯାପିତ ହୋଇଛି। ସିଏମସି ୫୮ନମ୍ବର ୱାର୍ଡ଼ ଅନ୍ତର୍ଗତ ଭାଣପୁରଠାରୁ ଗୋପାଳପୁର ପର୍ଯ୍ୟନ୍ତ ସମସ୍ତ ମେଢ଼ ଶୋଭାଯାତ୍ରା ଏକତ୍ରିତ ହୋଇ ବାଲିକୁଦା ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ବାଲିକୁଦା ପୂଜା କମିଟି ପକ୍ଷରୁ ଉପଦେଷ୍ଟା ଅନିଲ ବେଉରା, ପ୍ରତାପ ବେହେରା, ସଭାପତି ସନ୍ଦୀପ ବେଉରା, ସଂପାଦକ ଶରତ ଭୂୟାଁ, ସନ୍ତୋଷ ବେହେରା,ସୁକାନ୍ତ ସ୍ୱାଇଁ,ନାରାୟଣ ପରିଡ଼ା,ଲିଙ୍ଗରାଜ ପାଣୀ,ସମସ୍ତ ପୂଜା କମିଟିର ସଭାପତି ଓ ସଂପାଦକମାନଙ୍କୁ ସମ୍ବର୍ଦ୍ଧିତ କଲାପରେ ମେଢ଼ ସବୁ ଗୋପାଳପୁର ନିକଟକୁ ଯାଇଥିଲା ଏବଂ କଟକ ସଦର ପ୍ରେସ କ୍ଲବର କର୍ମକର୍ତ୍ତାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗୋପାଳପୁର ପୁଜା କମିଟି ପକ୍ଷରୁ ସବୁ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଗଲାପରେ ଅସ୍ଥାୟୀ ପୋଖରୀରେ ମାଙ୍କୁ ବିଜର୍ସନ କରାଯାଇଥିଲା। ଫୁଲନଖରା,ବଳୁଦ,ରାମନଗର,ତେଲେଙ୍ଗାପେଣ୍ଠ, ପ୍ରତାପନଗରୀ ପୂଜା କମିଟି ମେଢ଼ ଗୁଡ଼ିକ ଜାକଜମକରେ ରୋଷଣୀ କରି ନିଜନିଜ ଗାଁ ପରିକ୍ରମା କରିବାପରେ ନିକଟସ୍ଥ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଏହି ଭସାଣୀ ଶୋଭାଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିଲେ। ଗତ ୨ ଦିନ ଲଗାଣ ବର୍ଷା ଯୋଗୁଁ ମାଙ୍କ ପୂଜା ଫିକା ପଡ଼ିଥିଲାବେଳେ କୋରନା ମହାମାରୀ ପାଇଁ ୨ ବର୍ଷ ପାଇଁ ଭସାଣି ବନ୍ଦ ହୋଇଥିବାରୁ ଚଳିତ ବର୍ଷ ଏହାକୁ ଅଧିକ ଆକର୍ଷଣ କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ଲାଇଟ ଗେଟ ସାଙ୍ଗକୁ ପାରମ୍ପରିକ ବାଦ୍ୟ ବଜାଇ ପୂଜାକୁ ଉତ୍ସବମୁଖର କରାଯାଇଥିଲା। ସଦର ଥାନାଧିକାରୀ ରଶ୍ମିରଂଜନ ମହାପାତ୍ର ଏବଂ ଅନ୍ୟ ପୋଲିସ ଅଧିକାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ବେଆଇନ ଚୋରା ବାଲି ଚାଲାଣ ରୋକିବା ପାଇଁ ବିଜେପିର ଦାବିପତ୍ର

କେନ୍ଦ୍ରାପଡ଼ା, (ପି.ଏନ): ବାଲି ମାଫିଆ ମାନେ ଜିଲ୍ଲାରେ ପ୍ରବାହିତ ବିଭିନ୍ନ ନଦୀରୁ ବେଆଇନ ଭାବେ ଚୋରାରେ ବାଲି ଉଠାଇ ପ୍ରଚୁର ଲାଭବାନ ହେଉଥିବା ବେଳେ ବିପୁଳ ପରିମାଣର ରାଜସ୍ୱ ହାନୀ ଘଟୁଛି। ଅପରପକ୍ଷରେ ନଦୀ ଶଯ୍ୟା ଖନନ କରିବା ଯୋଗୁଁ ମୃତିକା କ୍ଷୟ, ନଦୀର ଗତିପଥ ପରିବର୍ତନ ହେବା ସହ ବନ୍ଧ ଦୁର୍ବଳ ହୋଇ ବର୍ଷା ଋତୁରେ ବନ୍ୟା ଜଳ ନଦୀ କୂଳିଆ ଗ୍ରାମ ମାନଙ୍କରେ ପ୍ରବେଶ କରି ବ୍ୟାପକ ଧନ ଜୀବନ ସମ୍ପତି ନଷ୍ଟ କରୁଛି। ବାଲି ଚୋରା ଚାଲାଣ ରୋକିବା ପାଇଁ ଓ ବାଲି ମାଫିଆଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ନେଇ ବିଜେପିର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ସହ ଆଲୋଚନା କରିଥିବା ଜଣାପଡିଛି। ଶୁକ୍ରବାର ଏହି ପ୍ରତିନିଧି ମଣ୍ଡଳୀ ଆଳିର ଦେମାଲ, ବାଳକାଟି ପଂଚାୟତ ଅଧିନ ଖରସ୍ରୋତା ନଦୀ ପଠାରୁ ବାଲି ଚୋରା ଚାଲାଣ ହେଉଥିବା ଓ ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଥିବା ପ୍ରମାଣ ସହ ଉପସ୍ଥାପନ କରିଥିଲେ।

# ପିସିସି ସଭାପତିଙ୍କ କେନ୍ଦ୍ରାପଡ଼ା ଗସ୍ତକୁ ନେଇ କଂଗ୍ରେସର ବୈଠକ

କେନ୍ଦ୍ରାପଡ଼ା, (ପି.ଏନ);କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ କମିଟିର ଏକ ମିଳିତ ବୈଠକ ଗରାପୁର କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଦିବଙ୍ଗତ ନେତା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ଗୋପାଳକୃଷ୍ଣ ଜେନା, ରଘୁନାଥ ମହାନ୍ତି, ନିରଞ୍ଜନ ପ୍ରଧାନ, ରତ୍ନାକର ପାଣିଗ୍ରାହୀ, ନାରାୟଣ ଚନ୍ଦ୍ର କର ଓ ସଂଜୀବ ଚନ୍ଦ୍ର ଜେନାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ନୀରବ ପ୍ରାର୍ଥନା କରାଯାଇଥିଲା। ସର୍ବସମ୍ମତ କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ପାରିତ ହୋଇଥିଲା। କଂଗ୍ରେସର ନେତା ରାହୁଲ ଗାନ୍ଧୀ ଭାରତ ଯୋଡ ଯାତ୍ରାର ସାହାସିକ ନିଷ୍ପତି ନେଇଥିବାରୁ ସ୍ୱାଗତ କରାଯାଇ ଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ କେନ୍ଦ୍ରାପଡା ଗସ୍ତକୁ ସ୍ୱାଗତ କରିବା ସହ ଗ୍ରସ୍ତ କାର୍ଯ୍ୟକ୍ରମ ସଫଳ କରିବାକୁ ସିଦ୍ଧାନ୍ତ ନିଆଯାଇଛି। ଜୀନତି ପ୍ରିୟଦର୍ଶିନୀ ରାଉତ ଜିଲ୍ଲା ମହିଳା କଂଗ୍ରେସର ସଭାପତି ଭାବରେ ଦାୟିତ୍ୱ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା। ସହ ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡା, ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ। ପସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଅକ୍ଟୋବର ୩୧ରୁ ଜାନୁୟାରୀ ଶେଷ ପ୍ରର୍ଯ୍ୟନ୍ତ ନିର୍ଦ୍ଧାରିତ ଭାରତ ଯୋଡ ଯାତ୍ରା ଓଡିଶା କାର୍ଯ୍ୟକ୍ରମର ନିଷ୍ପତି ପାଇଁ ଶରତ ପଟ୍ଟନାୟକଙ୍କୁ ସାଧୁବାଦ ଜ୍ଞାପନ କରାଯାଇ ଥିଲା।

# ୫୦ ଟଙ୍କିଆ ନୋଟ ନଦେବାରୁ ଦୋକାନୀଙ୍କୁ ନିସ୍ତୁକ ମାଡ, ଥାନାରେ ମାମଲା

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ସଦର ଥାନା ଅଧିନ ଦୁହୁରିଆ କ୍ରସିଂ ବଜାର ଉପରେ ଦୋକାନ କରିଥିବା ସଂଜୟ କୁମାର ସ୍ୱାଇଁଙ୍କୁ ଜଣେ ନିଶାଶକ୍ତ ଯୁବକ ଖୁଚୁରା ପଇସା ଦେବାକୁ ନେଇ ନିସ୍ତୁକ ମାଡ ମାରିଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଶୁକ୍ରବାର ସଂନ୍ଧ୍ୟା ସମୟରେ ନିଶାଶକ୍ତ ଅବସ୍ଥାରେ ଥିବା ଏହି ଯୁବକ ଜଣକ ୨୦ ଟଙ୍କାର ଜିନିଷ କିଣି ୧୦୦ ଟଙ୍କିଆ ଦେଇଥିଲେ। ଦୋକାନୀ ଜଣକ ୮୦ ଟଙ୍କା ଫେରାଇବା ପରେ ମୋତେ ୫୦ ଟଙ୍କିଆ ନୋଟ୍ ଦେବାକୁ ଦାବି କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଓ ପରେ ସଂପୃକ୍ତ ଯୁବକର ବାପ ଓ ଭାଇ ସେଠାକୁ ଆସି ୩ଜଣ ଯାକ ମିଶି ସଂଜୟର କଲର ଧରି ମାଡ ମାରିବା ସହ ସାର୍ଟକୁ ଚିରି ଦେଇଥିଲେ। ଏବଂ ଏକ ଛୁରୀ ସଂଜୟ ବେକରେ ଲଗାଇ ଧମକ ଦେଇ ତା ବେକରେ ଥିବା ସୁନା ଚେନ୍ ଓ ପକେଟରେ ଥିବା କିଛି ଟଙ୍କା ଛଡାଇ ନେଇ ପଳାଇଥିବା ସଦର ଥାନାରେ ସଂଜୟ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

# ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୨୧ତମ ବାର୍ଷିକ ଉତ୍ସବ

ଦର୍ପଣ,(ପି.ଏନ):ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚଣ୍ଡିଖୋଲ ପକ୍ଷରୁ ୨୧ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଦୀର୍ଗ ୧ ମାସ ଧରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଓ ତାର ପୁରସ୍କାର ବିତରଣ ଉତ୍ସବ ଚଣ୍ଡିଖୋଲସ୍ଥିତ ଡିଉ ପବ୍ଲିକ ସ୍କୁଲରେ ପାଳିତ ହୋଇଯାଇଛି। ଏଥିରେ ଯାଜପୁର, କଟକ, ଢେଙ୍କାନାଳ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଖୋର୍ଦ୍ଧା, ଜଗତସିଂପୁର, ବ୍ରହ୍ମପୁର, ମୟୁରଭଞ୍ଜ ଆଦି ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସାଧାରଣଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ,ବକ୍ତୃତା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ଅଧିବେଶନ ଉତ୍ସବକୁ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ଆନୁଷ୍ଠାନିକ ଭାବେ ଉଦଘଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବଡଚଣା ପଂଚାୟତ ସମିତି ଉପାଧ୍ୟକ୍ଷ ବିଭାସ ସନ୍ଦ୍ର ନନ୍ଦ, ମୁଖ୍ୟବକ୍ତା ବନ୍ତ ବ୍ଲକର ବିଡିଓ ପ୍ରଦୀପ କୁମାର ସେଠୀ, ସମ୍ମାନିତ ଅତିଥି ଭାବେ କାହ୍ନୁଚରଣ ସାହୁ, ଡ.ଶଶ୍ମିତା ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟା ଅଧିବେଶନରେ ମାନ୍ୟବର ବିଧାୟକ ଅମର ପ୍ରସାଦ ଶତପଥି, ଡାକ୍ତର ବିଜୟ କୁମାର ଶତପଥି, ସମାଜସେବୀକା ଶ୍ରୀମତୀ ମାଧୁରୀ ଶତପଥି, ରଶ୍ମିତା ନାୟକ, ସମାଜସେବୀ ଚନ୍ଦନ କୁମାର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ବାର୍ଷିକ ପତ୍ରିକା ଆଶାର ୨୧ତମ ସଂସ୍କରଣକୁ ଆନୁଷ୍ଠଅନିକ ଭାବେ ଉନ୍ମୋଚନ କରିଥିଲେ। ଶିକ୍ଷା ଓ ସାହିତ୍ୟର ବିକାଶ ପାଇଁ ।।ଜିର ସମସ୍ତ ଛାତ୍ରଛାତ୍ରୀ ମାନେ ନିଷ୍ଠାର ସହ ଦାୟିତ୍ୱ ବହନ କଲେ ସେମାନେ ଆସନ୍ତାକାଲି ଭଲମଣିଷ ହୋଇ ସୁନାମ ଅର୍ଜନ କରିପାରିବେ ବୋଲି ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଶତପଥି ତାଙ୍କ ବକ୍ତବ୍ୟରେ ଅନ୍ୟମାନଙ୍କ ମଧ୍ୟରେ ଚଳଚିତ୍ର ଅଭିନେତ୍ରୀ ମୋନାଲିସା ଦାସ, ଅଭିନେତା ଭୁପତି ତ୍ରିପାଠୀ, ବିଜିତ ବାରିକରେଯାଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ୪୬୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲା ବେଳେ ଗୁରୁକୁଳ ପବ୍ଲିକ ସ୍କୁଲ ହରିଦାସପୁର ଛାତ୍ର ଆୟୁଷ ପଟ୍ଟନାୟକ ଓ ଭେଙ୍କଟେଶ୍ୱର ପବ୍ଲିକସ୍କୁଲ ଜାରକାର ଛାତ୍ରୀ ସ୍ୱଜଳା ଦାଶ ଚମ୍ପିୟାନ ଭାବେ ଯୋଗ୍ୟ ବିବେଚିତ ହୋଇ ଅତିଥିଙ୍କ ଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅବିନାସ ଜେନା ସଭାପତିତ୍ୱ କରିଥିବା ସମୟରେ ସଂପାଦକ ଅନୀଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସୁଜିତ କୁମାର ସିଂ, ସାଗର ରଞ୍ଜନ ନାୟକ, କାର୍ତିକ ଚନ୍ଦ୍ର ଜେନା, ମଦନ ମୋହନ ପରମାଣିକ, କୃଷ୍ଣରାଜପୁତସିଂ, ସୁଧିର ସିଂ, ଗାୟିକା କନକଲତା ସାମଲ, ସ୍ନେହଲତା ବାରିକ, ତୁଳସୀ ଭଞ୍ଜ, ମୋନାଲିସା ପ୍ରଧାନ, ମଧୁମାଳିନୀ ସିଂ, କ୍ରିଷ୍ଣା ଭୁୟାଂ, ମନୋଜ କୁମାର ନାୟକ, ଭିକାରୀ ଚରଣ ସାମଲ, ଜ୍ଞାନରଞ୍ଜନ ଦାସ, ସୋମ୍ୟରଞ୍ଜନ ଦାସ, ହେମାମାଳିନି ସିଂ, ଅଜିତ କିଶୋର ନାୟକ, ଶିକାନ୍ତ ଓଝା, ମନୋରଞ୍ଜନ ପଣ୍ଡା, ତାପସ ରଞ୍ଜନ ପାଢୀ, କୈବଲ୍ୟ ମହାପାତ୍ର, ସୁଶାନ୍ତ କୁମାର ଜେନା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରି ଉତ୍ସବକୁ ମୁଖରିତ କରିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ପ୍ରକାଶ କୁମାର ନାୟକ, ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନନ୍ୟାର ବାର୍ଷିକଉତ୍ସବ ଓ ବଜୟା ମିଳନ

ଯାଜପୁର,(ପି.ଏନ): ଅନନ୍ୟା ସାହିତ୍ୟ ସଂସଦ ଯାଜପୁର ୩୧ତମ ବାର୍ଷିକ ଉତ୍ସବ ଓ ବିଜୟା ମଳିନ କ୍ଷେତ୍ରେଶ୍ୱରୀ ମା'ବିରଜାଙ୍କ ରଥ ଦାଣ୍ଡ ନିକଟରେ ଉପସଭାପତି ବିଭୂପତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବାର୍ଷିକ ଉତ୍ସବକୁ ଅନ୍ୱେଷଣର ସଭାପତି ବୃନ୍ଦାବନ ମିଶ୍ର ପଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ପାଦକ କାହ୍ନୁ ଚରଣ ମିଶ୍ର ଅନୁଷ୍ଠାନ ବିବରଣୀ ପାଠକରିବା ସହିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ବେଦପାଠ କରିଥିବା ବେଳେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଶାସକ ଡଃ ଜୟକୃଷ୍ଣ ଦାସ ମୁଖ୍ୟବକ୍ତାଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟର ଭୂମି ଓ ଭୂମିକା ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ। ଲୋକାଭୀମୁଖି ଓ ସମାଜକୁ ସଂସ୍କାର କରିବା ଭଳି ସାହିତ୍ୟ ସୃଷ୍ଟିକରିବାକୁ ପରାମର୍ଶ ଦେଇଥିଲେ। କବି ରଂଜିତ ଦାଶ ଓ ଆଶାଲତା ନନ୍ଦ ସମସ୍ତଙ୍କୁ ତିଳକ, ରକ୍ଷାସୂତ୍ର ପ୍ରଦାନ ପୂର୍ବକ ବିଜୟା ମିଳନ କରିଥିଲେ। କବି ରାମଚନ୍ଦ୍ର ଦାଶ, ପ୍ରଭାତ ମଲ୍ଲିକ, ଖଗେଶ୍ୱର ସାହୁ, ମନୋଜ ନାଥ, ଜିତେନ୍ଦ୍ର ବେହେରା, ପ୍ରଦୀପ୍ତ କୁମାର ଦାସ, ସୁବାଷ ଚନ୍ଦ୍ର ବେହେରା, ଅଧିକାରୀ ନବକିଶୋର ଦାସ, ଶିକ୍ଷାବିତ ଦଶରଥ ସାମନ୍ତ, ଅନ୍ୱେଷଣ ସମ୍ପାଦକ ଅଭିମନ୍ୟୁ ମିଶ୍ର, ଶିଶୁ ସାହିତ୍ୟକ ଗିରିଧାରୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ରାଉତ, ଅବରସରପ୍ରାପ୍ତ ପୋଲିସ୍ ପ୍ରଶାସକ ଗଦାଧର ରାଉତ, ରଂଜିତ ଦାଶ, ଆଶାଲତା ନନ୍ଦ ପ୍ରମୁଖ କବିତା ପାଠ କରିଥିଲେ। ସାଂସ୍କୃତିକ ସଂପାଦକ ପାଣ୍ଡବ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray